## ସଂକ୍ଷେପରେ

### ବାର୍ହା ମୃତଦେହ ଉଦ୍ଧାର, ବନ୍ଧୁକ ସହ ଶିକାରୀ ଗିରଫ



ନୀଳଗିରି, ୨୩।୩(ଡି.ଏନ.ଏ.):ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡସ୍ଥ କୁଲଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ବିଟ୍‌ର ଖୁମୁକୁଟ୍ ଜଙ୍ଗଲରେ ଶନିବାର ବନ କର୍ମଚାରୀ ଚଢ଼ାଉ କରି ବାର୍ହାର ମୃତଦେହ ଉଦ୍ଧାର କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ଶିକାରୀଙ୍କୁ ବନ୍ଧୁକ ସହ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଅନ୍ୟ ୬ଜଣ ସହଯୋଗୀ ଫେରାର ହୋଇଯାଇଛନ୍ତି। ଏନେଇ ବିଭାଗରେ ମାମଲା (ନଂ. ଓଆର ୧୬କୋ୧୯) ରୁଜୁ କରାଯାଇ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଥିବା ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନ କହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନାର ହାତୀ ଖୋଲିଆ ଗାଁର କନ୍ଦା ସିଂ (୩୫)। ବନକ୍ଷେତ୍ରାଧିକାରୀଙ୍କ ନିର୍ଦ୍ଦେଶରେ ପଞ୍ଚଲିଙ୍ଗେଶ୍ୱର ବିଟ୍‌ର ବନରକ୍ଷୀ ରାମେଶ୍ୱର ମୁର୍ମୁ ଓ ଜ୍ୟୋତ୍ସ୍ନା ଦତ୍ତ ସମେତ ସବୁଜବାହିନୀ ଜୟନ୍ତ ସେଠୀ, ମହେଶ୍ୱର ବେହେରା, ବୁଧିରାମ ସିଂ ଅଭୟାରଣ୍ୟରେ ପାଟ୍ରୋଲିଂ କରୁଥିଲେ। ଅପରାହ୍ନରେ ଖୁମୁକୁଟ ଜଙ୍ଗଲରେ ଗୁଳି ଶବ୍ଦ ଶୁଣି ଶିକାରୀଙ୍କ ପିଛା କରି ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

### ଭାଇ ଆକ୍ରମଣରେ ଭାଇ ଆହତ

ରୂପ୍‌ସା, ୨୩।୩(ଡି.ଏନ.ଏ.):ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ଅନ୍ତର୍ଗତ କୋଇଲିସାହି ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ବଡ଼ଭାଇ ଜନାର୍ଦ୍ଦନ ଦାସ ଓ ପୁଅ ବିଶ୍ୱନାଥ, ଅଚ୍ୟୁତାନନ୍ଦଙ୍କ ମରଣାନ୍ତକ ଆକ୍ରମଣରେ ଜନାର୍ଦ୍ଦନଙ୍କ ସାନଭାଇ ନିତ୍ୟାନନ୍ଦ ଦାସ ଗୁରୁତର ଆହତ ହୋଇଛନ୍ତି। ନିତ୍ୟାନନ୍ଦଙ୍କ ଅଭିଯୋଗକ୍ରମେ ବସ୍ତା ଥାନାରେ ପୋଲିସ ଶନିବାର ଏକ ମାମଲା (ନଂ. ୭୬/୧୯) ରୁଜୁ କରି ତଦନ୍ତ ଚଳାଇଛନ୍ତି। ଆହତ ନିତ୍ୟାନନ୍ଦଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ଶିବ ମନ୍ଦିରରୁ ଚୋରି

ରୂପ୍‌ସା, ୨୩।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ହରିହର ଶିବ ମନ୍ଦିରରୁ ବୁଧବାର ଚୋରି ହୋଇଥିବା ରୂପ୍‌ସା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ମନ୍ଦିର ଭିତରେ ପଶି ୨ଶହ ଗ୍ରାମ ଓଜନର ଏକ ରୁପା ବଂଶୀ ଓ ୮ଟି ପିତ୍ତଳ ମୂର୍ତ୍ତି ଚୋରି କରି ପଳାଇଥିଲେ। ତହିଁ ପରଦିନ ପୂଜକ ମନ୍ଦିରକୁ ଆସି ଚୋରି ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ।

### ଆରମ୍ଭ ହେଲା ଐତିହାସିକ ପତିରାଜପୁର ମେଳା

# ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଖଇରା, ୨୩।୩(ଡି.ଏନ.ଏ.)

ମାସେ ଧରି ବ୍ୟାପକ ପ୍ରସ୍ତୁତି ମଧ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ଦୋଳ ମେଳା ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଗହଣରେ ଆରମ୍ଭ ହୋଇଛି। ଗୁରୁବାର ରାତିରେ ୭୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ମେଳାମଣ୍ଡପକୁ ବିଜେ କରିଥିଲେ। ପୂର୍ବପଟ ତୋରଣ ଦେଇ ସାରଡାଙ୍ଗର ଦାମୋଦର ଜିଉ, ଅଲିପୁରର ଶ୍ୟାମରାଇ ଜୀଉ ଓ ମଦନମୋହନ ଜୀଉ, ହନ୍ତବାବିର ନୃସିଂହ ଜୀଉ, ଗଗନଧୂଳିର ରାଧାକୃଷ୍ଣ ଜୀଉ ଚାରାରୁଢ ହୋଇଥିଲେ। ସେହିଭଳି ପଶ୍ଚିମପାର୍ଶ୍ୱ ତୋରଣ ଦେଇ ବେଲଗଡିଆର ଗୋବିନ୍ଦ ଜୀଉ, ଖଣ୍ଡପଡା, ଖାନପୁର, ମୁହଁଚୁଆଁ ଆଦି ଅଞ୍ଚଳରୁ ଆସିଥିବା ବିମାନଗୁଡିକ ଚାରରେ ବିରାଜମାନ କରିଥିଲେ। ଏହାଛଡା ଉତ୍ତରପଟ ଦେଇ ବଣପାରିଆ, ଫଗୁଣା, ବିଦ୍ୟାଧରପୁର ଶାସନ, ଗୋଳିହା, ମଳିହା, ତେଲଦିଆର ରଘୁନାଥ ଜୀଉ ଏବଂ ଦକ୍ଷିଣ ପଟ ଦେଇ ଢୁଙ୍ଗୁରା, ବାଣପୁର ଗ୍ରାମର ବିମାନଗୁଡିକ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ମଣ୍ଡପ ମଧ୍ୟକୁ ଆସିଥିଲେ। ପାରମ୍ପରିକ ବାଦ୍ୟ ମାଦଳ, ଖୋଳ କରତାଳରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ଖଇରା ମେଡିକାଲ ଟିମ୍ ପକ୍ଷରୁ ଅସୁସ୍ଥଙ୍କ ଚିକିତ୍ସା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଖଇରା ଆଇଆଇସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଗୋଳିହା ଚଣ୍ଡିମାତା ହାଇସ୍କୁଲର ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ଏବଂ ସ୍କାଉଟଗାଇଡର ଛାତ୍ରୀମାନେ ମଣ୍ଡପ ପରିସରରୁ ଆବର୍ଜନା ସଫା କରିଥିଲେ। ସଭାପତି ପିତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ସହ ସମ୍ପାଦକ ଗୌରାଙ୍ଗ ପାଣି, ଭୀଷ୍ମଚରଣ ନାୟକ, ନାରାୟଣ ପାତ୍ର, ସରପଞ୍ଚ ପୁଷ୍ପଲତା ଘଡେଇ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।



ଚାରରେ ବିରାଜମାନ ବିମାନ।

**ପାନୀୟଜଳ ଅଭାବ, ଯାତ୍ରୀ ହଇରାଣ**

ପ୍ରତ୍ୟେକ ବର୍ଷ ଆସୁଥିବା ଯାତ୍ରୀଙ୍କ ଶୋଷ ମେଣ୍ଟାଇବାକୁ ବ୍ଲକ ପ୍ରଶାସନ ତରଫରୁ ପାଣିର ବ୍ୟବସ୍ଥା କରାଯାଇଥାଏ। ଟ୍ୟାଙ୍କର ଜଳ ଯୋଗାଇ ଦିଆଯାଇଥାଏ। ଚଳିତବର୍ଷ ବ୍ଲକ ପ୍ରଶାସନ ତରଫରୁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇ ନ ଥିବାରୁ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ପୂର୍ବରୁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲା। ହେଲେ ଏତେ ବଡ ମେଳା ପ୍ରତି ପ୍ରଶାସନ ଅଣଦେଖା କରିଥିବାର କମିଟି ସଭ୍ୟ ଭୀଷ୍ମ ଚରଣ ନାୟକ ଓ କ୍ଷେତ୍ର ମୋହନ ଖଟୁଆ ଅଭିଯୋଗ କରିଛନ୍ତି।

## ଔପଦା ଦୋଳମଣ୍ଡପରେ ୨୩ ବିମାନ

ଔପଦା, ୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ସ୍ଥାନୀୟ ବଜାର ଦୋଳମଣ୍ଡପରେ ଶ୍ରୀଜୀଉମାନଙ୍କର ମିଳନପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ୨୩ଟି ବିମାନରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବିଗ୍ରହ ସୁସଜ୍ଜିତ ହୋଇ ଘଣ୍ଟାଘଣ୍ଟ, ମୃଦଙ୍ଗ ତଥା ପାରମ୍ପରିକ ବାଦ୍ୟ ସଙ୍କୀର୍ତ୍ତନ ସହ ଔପଦା ବଜାର ମୁଖ୍ୟରାସ୍ତାରେ ପହଞ୍ଚି ଔପଦା ହାଇସ୍କୁଲ ପଡ଼ିଆ ଓ ଇନ୍ଦୀରାଗାନ୍ଧି ଗୋଲେଇରେ ସମ୍ମିଳିତ ହୋଇଥିଲେ। ସେଠାରେ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ରଙ୍ଗବେରଙ୍ଗର ରୋଷଣି, ବାଣ, ଆତସବାଜି ଫୁଟାଯିବା ସହ ଅବିର ଖେଳ ହୋଇଥିଲା। ପ୍ରାୟ ୨୦ହଜାର ଦର୍ଶକ ରାତି ୩ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହାପରେ ଶ୍ରୀଜୀଉମାନଙ୍କର ବିମାନକୁ ଦୋଳମଣ୍ଡପ ଆସ୍ଥାନରେ ସ୍ଥାପନ କରାଯାଇଥିଲା। ଲୋକ ଭିଡ଼ ନିୟନ୍ତ୍ରଣ ପାଇଁ ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ପ୍ରମୁଖ ଭୂମିକା ତୁଲାଇବା ସହ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ଗାଡ଼ିକୁ ଯାତ୍ରାସ୍ଥଳକୁ ଯିବାକୁ ନ ଦେଇ ବାଟରୁ ଫେରାଇ ଦେଇଥିଲେ।



ଦୋଳ ମଣ୍ଡପରେ ଭଜନ ସମାରୋହ।

**୨୦ହଜାର ଶ୍ରଦ୍ଧାଳୁଙ୍କ ଭିଡ଼**

ସକାଳେ ରଙ୍ଗ ଅବିରରେ ଖେଳ ଜମିଥିଲା। ଅପରାହ୍ନରେ ଦୋଳମଣ୍ଡପରେ ଶ୍ରୀଶ୍ରୀ ଜୀଉଙ୍କ ସମ୍ମୁଖରେ ଭକ୍ତମଣ୍ଡଳୀ ଦ୍ୱାରା ସମବେତ ଭଜନ ଅନୁଷ୍ଠିତ ହୋଇଥିଲା। ଔପଦା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ବରିଷ୍ଠ ନାଗରିକ ଗୋପାଳ ଚନ୍ଦ୍ର ନାୟକ, ହରିହର ଦାସ, ସନାତନ ସେଠୀ, ମୃତ୍ୟୁଞ୍ଜୟ ମୁଦୁଲି, ରତ୍ନାକର ପଣ୍ଡା, ଅନାଦି ଧଳ, ଅଚ୍ୟୁତାନନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଦେଇଛନ୍ତି। ଅପରାହ୍ନ ୫ଟାରେ ଶ୍ରୀଜୀଉମାନଙ୍କୁ ଔପଦା ଥାନା ପରିସରରେ ଥାନାଧିକାରୀ ପ୍ରଶାନ୍ତ ଜେନାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଔପଦା ବ୍ଲକର ପଡେପୁର ପଞ୍ଚାୟତସ୍ଥ କଷପା ଦୋଳମଣ୍ଡପରେ ଅନୁରୂପ ମିଳନ ପର୍ବ ଅନୁଷ୍ଠିତ ହେବା ସହ ବ୍ଲକର କୋଣ ଅନୁକୋଣ ରଙ୍ଗର ଉତ୍ସବ ହୋଲି ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା।

### ୩୦ରେ ଜଳେଶ୍ୱର ଓକିଲ ସଂଘ ନିର୍ବାଚନ

## ମଇଦାନରେ ୫ ପ୍ରତିଦ୍ୱନ୍ଦ୍ୱୀ

ଜଳେଶ୍ୱର, ୨୩।୩(ଡି.ଏନ.ଏ.)

ରାଜ୍ୟ ବାର କାଉନ୍‌ସିଲର ନିଷ୍ପତ୍ତିକ୍ରମେ ଚଳିତମାସ ୩୦ ତାରିଖ ଶନିବାର ରାଜ୍ୟର ସମସ୍ତ ଓକିଲ ସଂଘ ସମେତ ଜଳେଶ୍ୱର ଓକିଲ ସଂଘରେ ମଧ୍ୟ ନିର୍ବାଚନ ହେବ ବୋଲି ଧାର୍ଯ୍ୟ ହୋଇଛି। ଶନିବାର ଜଳେଶ୍ୱର ଓକିଲ ସଂଘରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ଇସାକ୍ ବେଗ୍‌ଙ୍କ ସୂଚନାକ୍ରମେ ସଂଘର ଉପସଭାପତି ପଦ ନିମନ୍ତେ ମଳୟ କୁମାର ମହାନ୍ତି, ସହସମ୍ପାଦକ ପଦ ନିମନ୍ତେ ସୁଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ପଦ ନିମନ୍ତେ ବିନୋଦ କୁମାର ଗିରି ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସହିତ କାର୍ଯ୍ୟକାରିଣୀ ସଭ୍ୟ ଭାବେ ବିଷ୍ଣୁପଦ ଦାସମହାପାତ୍ର, ଭବାନୀଶଙ୍କର ଭଞ୍ଜ, ଦିଲୀପ କୁମାର ମହାନ୍ତ, ଜଗଦୀଶ ଚନ୍ଦ୍ର ପାଳ, ନିଗମ କୁମାର ବ୍ରହ୍ମ, ସଞ୍ଜୀବ କୁମାର ପାତ୍ର, ସିଦ୍ଧାର୍ଥ ଦାସ, ତପନ କୁମାର ଦେ, ଗଣେଶ ଚନ୍ଦ୍ର ମାଇତି ପ୍ରମୁଖ ୯ ଜଣ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଉ ମାତ୍ର ଜଣେ କାର୍ଯ୍ୟକାରିଣୀ ସଭ୍ୟ ନିମନ୍ତେ ସମସ୍ତ ଭୋଟରଙ୍କ ପରାମର୍ଶ ନେଇ ନିଷ୍ପତ୍ତି ନିଆଯିବ ବୋଲି ନିର୍ବାଚନ ଅଧିକାରୀ ବେଗ୍ କହିଛନ୍ତି। ଅପରପକ୍ଷେ ସଭାପତି ପଦ ନିମନ୍ତେ ବରିଷ୍ଠ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ ଓ କୁଞ୍ଜବିହାରୀ ଦାସଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସ୍ପଷ୍ଟ ହୋଇଛି। ଏଥିସହିତ ସମ୍ପାଦକ ପଦ ନିମନ୍ତେ ଯୁବ ଆଇନଜୀବୀ ଶ୍ରୀକୃଷ୍ଣ ଗୁପ୍ତା, ଦେବକାନ୍ତ କାସ୍ତ ଓ ସନ୍ଦୀପ ମହାନ୍ତିଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଜଣାପଡ଼ିଛି।

## ଯାମାହା 'ଏମ୍‌ଟି-୧୫'ର ବଜାର ପ୍ରବେଶ



'ଏମ୍‌ଟି-୧୫'ର ପ୍ରଥମ ଗ୍ରାହକଙ୍କୁ କମ୍ପାନୀ ନିର୍ଦ୍ଦେଶିକା ଚାବି ପ୍ରଦାନ କରୁଛନ୍ତି।

ବାଲେଶ୍ୱର ଅଫିସ, ୨୩।୩

ଯାମାହା କମ୍ପାନୀର ନୂତନ ବାଇକ୍ 'ଏମ୍‌ଟି-୧୫' ବାଲେଶ୍ୱର ବଜାର ପ୍ରବେଶ କରିଛି। ବାଲେଶ୍ୱର ଅଧିକୃତ ବିକ୍ରେତା 'ସାଇ ଅନନ୍ତ ଅଟୋ ମୋବାଇଲ୍ସ' ପରିସରରେ ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସାରା ବିଶ୍ୱରେ 'ଏମ୍‌ଟି-୧୫'ର ଚାହିଦା ରହିଛି। ମୋଟ୍ ୬ଟି 'ଏମ୍‌ଟି-୧୫' ବାଇକ୍ ବିକ୍ରୟ କରାଯାଇ ଥିବା ବେଳେ ୨୩ଟି ବାଇକ୍ ବୁକିଂ କରାଯାଇଥିବାର ଜଣାପଡ଼ିଛି। ପ୍ରଥମ ଗ୍ରାହକ ଭାବେ ଗୋପାଳପୁର ନିବାସୀ ରତ୍ନାକର ସ୍ୱାଇଁ 'ଏମ୍‌ଟି-୧୫' କ୍ରୟ କରିଥିଲେ।

ଏହି ନୂତନ ବାଇକ୍‌ର ମୁଖ୍ୟ ବିଶେଷତ୍ୱଗୁଡ଼ିକ ହେଉଛି ଏଥିରେ ୧୫୫ ସିସି ଇଞ୍ଜିନ୍ ସହିତ ଏଣ୍ଟିବ୍ରେକ୍ ସିଷ୍ଟମ୍, ଡିଜିଟାଲ ସ୍ପିଡୋମିଟର ସାଙ୍ଗକୁ ଫୁଲ୍ ଏଲିଡ଼ି ହେଡ୍‌ଲାଇଟ୍ ଏବଂ ୬ଟି ଗିୟର ବିଶିଷ୍ଟ। ଉନ୍ନତମାନର ଟେକ୍ନୋଲୋଜି ସହିତ ଆକର୍ଷଣୀୟ ରଙ୍ଗରେ ଏହି ବାଇକ୍ ଉପଲବ୍ଧ। ଏହି ନୂତନ ବାଇକ୍ ଗ୍ରାହକମାନଙ୍କ ମନକୁ ଜିଣିବା ଭଳି ହୋଇଥିବାରୁ ବଜାରରେ ଚାହିଦା ସୃଷ୍ଟି କରିପାରିବ ବୋଲି ନିର୍ଦ୍ଦେଶିକା ମହାନ୍ତି ଆଶାବ୍ୟକ୍ତ କରିଥିଲେ। ଶୁଭାରମ୍ଭ ଉତ୍ସବରେ ଶୋ'ରୁମ୍‌ର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହତ୍ୟା ମାମଲା: ଅଭିଯୁକ୍ତ ପୁତୁରା ଗିରଫ

ଜଳେଶ୍ୱର, ୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବର୍ଣ୍ଣନା ପଞ୍ଚାୟତରେ ଚଳିତମାସ ୧୭ ତାରିଖ ସନ୍ଧ୍ୟାରେ ଖୁଲୁଡ଼ା ଗ୍ରାମର ଯୁବଚାଷୀ ବିଭୁତିଭୂଷଣ ଜେନା(୪୮)ଙ୍କ ମୃତଦେହ ବର୍ଣ୍ଣନା ଗ୍ରାମର ଗାଜିଆଣି ପୋଖରୀ ନିକଟରୁ ପୋଲିସ ଉଦ୍ଧାର କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସର ଅନୁସନ୍ଧାନକ୍ରମେ ମୃତ ବିଭୁତିଙ୍କ ନିଜ ପୁତୁରା ନିରଞ୍ଜନ ଜେନା (୧୮) ହିଁ ହତ୍ୟାକାରୀ ବୋଲି ଜଣାପଡିଥିଲା। ପୋଲିସ ନିରଞ୍ଜନଙ୍କୁ ଶନିବାର ଗିରଫ କରି ଏକ ହତ୍ୟା ମାମଲା (ନଂ. ୭୨/୧୯) ରୁଜୁ କରି ଜଳେଶ୍ୱର କୋର୍ଟରେ ହାଜର କରାଇଥିଲା। ଏହାସହିତ ଏକ ଧାରୁଆ ଛୁରୀ ଜବତ କରାଯାଇଛି। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ନିରଞ୍ଜନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସଙ୍କ କହିବାନୁଯାୟୀ, ଅଭିଯୁକ୍ତ ନିରଞ୍ଜନ ସୁଦୂର ସୁରଟରେ ଚାକିରି କରି ପରିବାର ପ୍ରତିପୋଷଣ କରନ୍ତି। କିଛିମାସ ପୂର୍ବରୁ ନିରଞ୍ଜନ ତାଙ୍କ କଷ୍ଟ ଉପାର୍ଜିତ ୩୦ହଜାର ଟଙ୍କା ବ୍ୟାଙ୍କରେ ଜମା କରିବା ପାଇଁ କକା ବିଭୁତିଙ୍କୁ ଦେଇଥିଲେ। ମାତ୍ର ବିଭୁତି ଉକ୍ତ ଟଙ୍କାକୁ ବ୍ୟାଙ୍କରେ ଜମା ନ କରି ଆତ୍ମସାତ୍ କରି ଦେଇଛନ୍ତି ବୋଲି ନିରଞ୍ଜନ ଜାଣିବାକୁ ପାଇଥିଲେ। ତେଣୁ ତାଙ୍କର ଟଙ୍କା ଫେରାଇ ଆଣିବା ପାଇଁ ବାରମ୍ବାର ବିଭୁତିଙ୍କ ନିକଟକୁ ଯାଇ ନିରାଶ ହୋଇ ଫେରିଥିଲେ। ଫଳରେ ସେ ପ୍ରତିଶୋଧ ନେବା ପାଇ ଏକ ହତ୍ୟା ଯୋଜନା ରଚିଥିଲେ। ୧୭ ତାରିଖ ସନ୍ଧ୍ୟାରେ ନିରଞ୍ଜନ ନିଜ କକାଙ୍କୁ ଫୋନରେ ଡାକି ନେଇଯାଇ ଏକ ମଦ ଦୋକାନରେ ମଦ୍ୟପାନ କରାଇ ଏକ ଧାରୁଆ ଛୁରିରେ ବେକ ଓ ପେଟକୁ ଆଘାତ ଦେଇ ହତ୍ୟା କରିଥିଲେ। ତତ୍‌ପରେ ପାଖ ପୋଖରୀରେ ହତ୍ୟାରେ ବ୍ୟବହୃତ ହୋଇଥିବା ଛୁରୀକୁ ଫିଙ୍ଗିଦେଇ ଗାଧୋଇ ଘରକୁ ଫେରିଥିଲେ। ମୃତ୍ୟୁର ଖବରପାଇ ମୃତ ବିଭୁତିଙ୍କ ସ୍ତ୍ରୀ ପୁତୁରା ନିରଞ୍ଜନଙ୍କ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ନିଜ ସହିତ ସ୍ୱାମୀଙ୍କ ହତ୍ୟାକାରୀ ନିଜ ପୁତୁରା ଅଛି ବୋଲି ସାମାନ୍ୟ ଟେର ପାଇପାରି ନ ଥିଲେ ବିଭୁତିଙ୍କ ସ୍ତ୍ରୀ। ଘଟଣାସ୍ଥଳରେ ଥିବା ବିଭୁତିଙ୍କ ମୋବାଇଲ କଲ ରେକର୍ଡ଼ ଓ ମଦ ଦୋକାନର ସିସି ଟିଭି ଫୁଟେଜ୍‌ରୁ ଉକ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇପାରିଛି।

### ପିଞ୍ଛାବଣିଆ ଦୋଳମେଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସଭିଙ୍କୁ ଆନମନା କରେ ଫଗୁ ଆସର

ରୂପ୍‌ସା, ୨୩।୩(ଡି.ଏନ.ଏ.)

ସଂସ୍କୃତି, ପରମ୍ପରା ଓ ସଦ୍‌ଭାବନାର ପର୍ବ ହୋଲି। ଫଗୁଣର ଫଗୁ ବେଳା ଆସର ସମସ୍ତଙ୍କୁ ଆନମନା କରେ। ରଙ୍ଗ, ଅବିର ମାହୋଲ ମନ ଓ ତନୁକୁ ରଙ୍ଗେଇ ଦିଏ। ଦୋଳ ମେଳଣର ଅପୂର୍ବ ପରମ୍ପରା ଅବସରରେ ରାଧାକୃଷ୍ଣଙ୍କ ନୈସର୍ଗିକ ଲୀଳା ସଭିଙ୍କୁ ମତୁଆଲା କରେ ବୋଲି ପିଞ୍ଛାବଣିଆ ଦୋଳମେଳା ସାଂସ୍କୃତିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ପିଞ୍ଛାବଣିଆ ଦୋଳମେଳା ବିକାଶ ମଞ୍ଚ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ସାଂସ୍କୃତିକ ଉତ୍ସବର ୨ୟ ସନ୍ଧ୍ୟା ଶୁକ୍ରବାର ପାଳିତ ହୋଇଯାଇଛି।

ଉତ୍ସବରେ ମଞ୍ଚ ସଭାପତି ସରପଞ୍ଚ ସଞ୍ଜୟ କୁମାର ସେଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି 'ରେବତୀ' ପତ୍ରିକାର ସମ୍ପାଦିକା ସାମାଜିକ କର୍ମୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ କବି କାଳୀପଦ ପଣ୍ଡା, ଲେଖିକା ଡ. ସିନ୍ଧୁସେନ, ପ୍ରାଧ୍ୟାପକ ବିଜୟ କୁମାର ଘୋଷ, ଜିଲାପରିଷଦ ସଭ୍ୟା ଶ୍ରୀମତୀ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ସଦସ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, 'ସମୟର ଚକ୍ର'ର ସମ୍ପାଦକ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିକାଶ ମଞ୍ଚର ଆବାହକ ସନ୍ତୋଷ କୁମାର ଶାସ୍ତ୍ରୀ ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଗୁରୁବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ପଣ୍ଡା ଶର୍ମା, ସମିତିସଭ୍ୟ ରାଜା ବର ପ୍ରମୁଖ ଯୋଗଦେଇ ଦୋଳମେଳାର ଇତିହାସ ରୋମନ୍ଥନ କରିଥିଲେ। ବିକାଶ ମଞ୍ଚର ସମ୍ପାଦକ ସୁଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ୨ଦିନ ବ୍ୟାପୀ ଭଜନ ସନ୍ଧ୍ୟା, ମେଲୋଡ଼ି କାର୍ଯ୍ୟକ୍ରମକୁ ଦେଖିବାକୁ ପ୍ରବଳ ଭିଡ଼ ଲାଗିଥିଲା। କର୍ମକର୍ତ୍ତା ଅଶୋକ ପଢ଼ିଆରୀ, ସୁଶାନ୍ତ ସେନାପତି, ସଞ୍ଜୟ ସାହୁ, ରାକେଶ ପଣ୍ଡା, ଉପେନ୍ଦ୍ର ନାୟକ ଓ ମନ୍ମଥ ସିଂ ପ୍ରମୁଖ ପରିଚାଳନା କରିଥିଲେ।



ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ।

## ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଆପାଳ, ୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତି ସଭାପତି ସୁବ୍ରତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ତୁଷାରକାନ୍ତି ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମିତି ସମ୍ପାଦକ ଦୀପକ କୁମାର ଦାସ ପୂର୍ବ ବର୍ଷର ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ସମିତି ୩ ଲକ୍ଷ ୫୩ ହଜାର ୭୩୨ ଟଙ୍କା ଲାଭ କରିଥିବା ଏବଂ ଏଥର ଖରିଫ ଋତୁ ସକାଶେ ଚାଷୀଙ୍କଠାରୁ ୧୦ହଜାର କୁଇଣ୍ଟାଲ ଟାର୍ଗେଟରୁ ଏପର୍ଯ୍ୟନ୍ତ ୮୫୦୦ କୁଇଣ୍ଟାଲ ଧାନ କିଣାଯାଇଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଲିଆପାଳ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଭୁବନ ମୋହନ ପିଳା, ପୂର୍ବତନ ସମ୍ପାଦକ ବିଜୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସମିତି ନିର୍ଦ୍ଦେଶକ ଜୟନ୍ତ ପାତ୍ର, ସୁରେଶ ପାତ୍ର, ପ୍ରଭାକର ଦଳାଇ, ରାମଚନ୍ଦ୍ର ଦଳାଇ, ପ୍ରଶାନ୍ତ ପରିଡା, ସୁବ୍ରତ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମିତିର ସହସମ୍ପାଦକ ପରେଶ କୁମାର କର, ଆସ୍ତିକ ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ।




**ସଂକ୍ଷେପରେ**

## ଭାରତ ଭ୍ରମଣ ପୂର୍ବରୁ ତ୍ରିଲୋଚନଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି, ୨୩।୩ (ଡି.ଏନ.ଏ.) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମର ସାମାଜିକ କର୍ମୀ ତ୍ରିଲୋଚନ ମହାଲିକ ଭାରତ ଭ୍ରମଣ କରିବେ। ରବିବାର ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ସେ ଭଦ୍ରକରୁ ଯକ୍ଷ୍ମା ସଚେତନତା ବାର୍ତ୍ତା ନେଇ ସାଇକେଲ ଯୋଗେ ଯାତ୍ରା ଆରମ୍ଭ କରିବେ। ଏହି ଉପଲକ୍ଷେ ଶନିବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ତିହିଡ଼ି ପ୍ରେସ୍‌କ୍ଲବ, ଜୀବନଜ୍ୟୋତି ସଙ୍ଗଠନ, ତିହିଡ଼ି ଯୁବମଞ୍ଚ, ଗୋପବନ୍ଧୁ ସେବା ସଂଘ, ପିଜି ଫାଉଣ୍ଡେଶନ ଓ ଜାଗ୍ରତସେନା ପକ୍ଷରୁ ତ୍ରିଲୋଚନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ଯୁବମଞ୍ଚର ଉପଦେଷ୍ଟା ସଚିକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସ୍‌କ୍ଲବର ସଭାପତି ସଞ୍ଜିତ୍ ବଳ, ଶିକ୍ଷାବିତ୍ ସୋମନାଥ ପାତ୍ରୀ, ଜୀବନଜ୍ୟୋତି ସଙ୍ଗଠନ ସମ୍ପାଦକ ଧୀରେନ୍ଦ୍ର ସାହୁ, ପିଜି ଫାଉଣ୍ଡେସନ ସଭାପତି ପ୍ରୀତମ ଶଙ୍କର ବିଶ୍ୱାଳ, ଗୋପବନ୍ଧୁ ସେବା ସଂଘର ସଭାପତି ରାଜୀବ କୁମାର ନାୟକ, ଜାଗ୍ରତ ସେନା ସଭାପତି ଧ୍ରୁବ ପାଣିଗ୍ରାହୀ ଓ ଯୁବମଞ୍ଚ ସଂଯୋଜକ ମନୋଜ ପାଣିଗ୍ରାହୀ ଯୋଗଦେଇ ତ୍ରିଲୋଚନଙ୍କ ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରଭାତ କୁମାର ରାଉଳ, ଆଲୋକ ବିକାଶ ପ୍ରିୟଦର୍ଶୀ ଓ ମନୋଜ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯୁବମଞ୍ଚ ସଭାପତି କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଗ୍ରାମୀ ବିଚିତ୍ରାନନ୍ଦଙ୍କ ସ୍ମୃତିଚାରଣ

ଧାମନଗର, ୨୩।୩ (ଡି.ଏନ.ଏ) : ଧାମନଗର ବ୍ଲକ କମାରବନ୍ଧ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଚିତ୍ରାନନ୍ଦ ରାଉତଙ୍କ ୭ମ ବାର୍ଷିକୀ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ପ୍ରଥମେ କମାରବନ୍ଧ ଛକରେ ଥିବା ସଂଗ୍ରାମୀ ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ତାଙ୍କ ବାସଭବନରେ ପଣ୍ଡିତ ଅର୍ଜୁନ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଆଞ୍ଚଳିକ ପୂଜ୍ୟପୂଜା ସଂସଦ ସମ୍ପାଦକ ଅଜୟ କୁମାର ସାମଲ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସୁବାସ ଚନ୍ଦ୍ର ମଲ୍ଲିକ, ସାହିତ୍ୟିକ ରାମଚନ୍ଦ୍ର ସାହୁ, ପୂର୍ବତନ ଶିକ୍ଷକ ଛାୟାକାନ୍ତ ମଲ୍ଲିକ ଓ ଯଦୁନାଥ ରାଉତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜ୍ୟପୂଜା ସଂସଦ ସଦସ୍ୟ ଧରଣୀଧର ସାହୁ, ବିଦ୍ୟାଧର ରାଉତ, ଭରତ ଚନ୍ଦ୍ର ମଲ୍ଲିକ, ଚିରଞ୍ଜୀବ ବାରିକ, ପୂର୍ଣ୍ଣଚନ୍ଦ୍ର ରାଉତ, କବି ଦାମୋଦର ସାହୁ ଓ ଗୋକୁଳାନନ୍ଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ରାଧାଗୋବିନ୍ଦ ଯାଦବ ସଂଘର ବାର୍ଷିକ ଉତ୍ସବ

ପଦ୍ମପୁର, ୨୩।୩ (ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଜୟକୃଷ୍ଣପୁରଠାରେ ରାଧାଗୋବିନ୍ଦ ଯାଦବ ସଂଘର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୁଦାମ ଚରଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଲକ୍ଷ୍ମୀଧର ଘଡେଇ ମୁଖ୍ୟବକ୍ତା ଏବଂ ମୁକ୍ତିକାନ୍ତ ଘଡେଇ, ସନାତନ ଦାସ, ଅଜୟ ବାରିକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ଲଉଡ଼ି ଖେଳ ପ୍ରତିଯୋଗିତାରେ ୧୬ଟି ଯାଦବ ସଂଘର ଦଳ ଭାଗ ନେଇଥିଲେ। ବନ୍ଧସାହି ଯାଦବ ସଂଘ ୧ମ, ବାଲିନଗର ଯାଦବ ସଂଘ ୨ୟ ଓ ଫକୀରପୁର ଯାଦବ ସଂଘ ୩ୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ରାଧାଗୋବିନ୍ଦ ଯାଦବ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ଥମୁନି ଚୋରା କୋଇଲା କାରବାର

**ବାସୁଦେବପୁର, ୨୩।୩ (ଡି.ଏନ.ଏ.)**

ଭଦ୍ରକ ଜିଲାର ଧାମରା ବନ୍ଦରକୁ ଜଳପଥରେ ବାହ୍ୟଦେଶରୁ ଜଳଜାହାଜ ଯୋଗେ ଆସୁଥିବା ଉନ୍ନତମାନର କୋଇଲା ଧାମରା ବନ୍ଦରାଞ୍ଚଳ, ବନ୍ଦରରୁ ଟ୍ରେନ ଯୋଗେ ରାଜ୍ୟ ଓ ଦେଶର ବିଭିନ୍ନ ଶିଳ୍ପାଞ୍ଚଳକୁ ରପ୍ତାନି ହେଉଛି। ହେଲେ ଏହାର ଫାଇଦା ଉଠାଉଛନ୍ତି ଚୋରା କୋଇଲା ବେପାରୀ।

ଟ୍ରେନରେ କୋଇଲା ରପ୍ତାନି ବେଳେ ସେମାନେ କୋଇଲା ଚୋରି କରି ମାଲେମାଲ ହେଉଛନ୍ତି। ଏଭଳି କୋଇଲା ଚୋରିକୁ ରୋକାଯାଇପାରୁ ନାହିଁ। ବନ୍ଦରାଞ୍ଚଳରେ କାର୍ଯ୍ୟରତ କେତେକ କର୍ମଚାରୀଙ୍କ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଏହି ଚୋରା କାରବାରରେ ସାମିଲ ଥିବା ନେଇ ଚର୍ଚ୍ଚା ହେଉଛି।

ଧାମରାରୁ ଆସୁଥିବା କୋଇଲା ଚୋରାରେ ଶସ୍ତାରେ ବିକ୍ରି କରି ବେପାରୀମାନେ ମୁନାଫା କମାଉଛନ୍ତି। ବିଶେଷକରି ବାସୁଦେବପୁର, ନାୟକାଣିଡିହୀ, ଚୂଡାମଣି ଓ କଷିଆ



ରାସ୍ତାକଡରେ ଚୋରା କୋଇଲା।

ସାମୁଦ୍ରିକ ଥାନା ପୋଲିସ ବିଭିନ୍ନ ସମୟରେ ରାସ୍ତାରେ ଚଢ଼ାଉ କରି ଚୋରା କୋଇଲା ବେପାରୀଙ୍କୁ ଧରୁଥିବାରୁ ସେମାନେ ଜଳପଥ ମନ୍ତେଇ ନଦୀରେ ଡଙ୍ଗା ଯୋଗେ ବାସୁଦେବପୁର ଅଞ୍ଚଳକୁ ଚୋରା କୋଇଲା ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏବେ ଇଟାଭାଟି ଗଡ଼ା ଚାଲିଛି। ନାୟକାଣିଡିହୀ ଥାନା ଅଞ୍ଚଳରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଇଟାଭାଟି ଥିବାବେଳେ ଏଥିନିମନ୍ତେ କୋଇଲାର ଆବଶ୍ୟକତା ଥିବାରୁ ଏହି ଚୋରା କୋଇଲା ବେପାରର ଗୁରୁତ୍ୱ ବଢିଯାଇଛି। ଚୋରା କୋଇଲା ବେପାରୀ ଓ ପୋଲିସ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଅନାୟାସରେ ଏହି ବେପାର ବଢିଚାଲିଛି। ପୁଣି ଚୋରା କୋଇଲା ବେପାରୀମାନେ ମୁଣ୍ଡ ଟେକିଲେଣି। ବାସୁଦେବପୁର-ଧାମରା, ବିରସ-ପଦ୍ମପୁର, ମଦାରୀ-ଚୁଡାମଣି, ଗୋବିନ୍ଦପୁର-ରାଜଘରପୋଖରୀ, ମନ୍ତେଇ ନଦୀର ବାଲିଆପାଳ ଘାଟରୁ ନାୟକାଣିଡିହୀ ରାସ୍ତା, ମନ୍ତେଇ ନଦୀର ବାଲିମେଦ ଚାରିବାଟିଆ ଘାଟରୁ କୋଷ୍ଟକେନାଲ ରାସ୍ତା ଆଦି ଚୋରା କୋଇଲା ଚାଲାଣ ମାଧ୍ୟମ ପାଲଟିଛି। ଏପରିକି ଇଟାଭାଟି ଓ ରାସ୍ତାକଡରେ ଚୋରା କୋଇଲା ପଡ଼ିରହିଥିବା ଦେଖିବାକୁ ମିଳୁଛି। ପ୍ରକାଶ ଯେ, ୨୦୧୮ରେ ତତ୍କାଳୀନ ଏସ୍‌ପି ଓ ଜିଲାପାଳ ସଦଳବଳ ନାୟକାଣିଡିହୀ ଥାନା ଅଞ୍ଚଳରୁ ପ୍ରାୟ ୧୫ ଶହ କୁଇଣ୍ଟାଲ କୋଇଲା ଜବତ କରିଥିଲେ। ଏହି ଚଢ଼ାଉ ପ୍ରଭାବରେ କିଛିଦିନ ଚୋରା ବେପାରୀଙ୍କ ମନରେ ଛନକା ପଶିଥିବା ବେଳେ ଏବେ ପୁଣି ଏହି ସେମାନେ ସକ୍ରିୟ ହୋଇପଡିଛନ୍ତି। ଏ ସମ୍ପର୍କରେ ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ଓ ନାୟକାଣିଡିହୀ ଥାନା ଆଇଆଇସି ରତିକାନ୍ତ ଗିରିଙ୍କୁ ପଚାରିବାରୁ କହିଛନ୍ତି, ପୋଲିସ ଚୋରା କୋଇଲା କାରବାର ବିରୋଧରେ କଡ଼ା ପଦକ୍ଷେପ ନେଉଛି। ଚୋରା କୋଇଲା ବୋଝେଇ ଗାଡ଼ିକୁ ମଧ୍ୟ ଜବତ କରୁଥିବା ବେଳେ ତନାଘନା ଜାରି ରହିଛି ବୋଲି ସେ କହିଛନ୍ତି।

# କାଦୁଅ ଖେଳରେ ସରିଲା କାଳିମେଘା ମେଳଣ

## ■ ରଙ୍ଗ ପୂର୍ବରୁ ଲାଗିଲା ରକ୍ତ ଛିଟା, ଗଣ୍ଡଗୋଳରେ ୨୦ ଆହତ

**ତିହିଡ଼ି, ୨୩।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମରେ ଚାଲିଥିବା ଐତିହାସିକ କାଳିମେଘା ମେଳଣ ଶୁକ୍ରବାର ରାତିରେ ଶେଷ ହୋଇଯାଇଛି। ଅବିରରୁ ଆରମ୍ଭ ହୋଇଥିବା ଏହି ମେଳଣ କାଦୁଅଖେଳରେ ସରିଥିଲା। ମେଳଣରେ ହୋଇଥିବା ଗଣ୍ଡଗୋଳ ଯୋଗୁ ରଙ୍ଗ ପୂର୍ବରୁ ରକ୍ତ ଛିଟା ଲାଗିଥିଲା। ଗଣ୍ଡଗୋଳରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଡିଜେକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଥିବା ବେଳେ ତିହିଡ଼ି ଥାନା ପୋଲିସ ପହଞ୍ଚି ୨ଟି ଡିଜେକୁ ଜବତ କରିଛି।

ଉଲ୍ଲେଖନୀୟ ଯେ, ମେଳଣର ଦୁଇଦିନ ପୂର୍ବରୁ ତିହିଡ଼ି ଥାନାରେ ଏକ ଶାନ୍ତି କମିଟି ବୈଠକ ବସିଥିଲା। ମେଳଣରେ କୌଣସି ଠାକୁରବାଡ଼ି ପକ୍ଷରୁ



ଶୋଭାଯାତ୍ରାରେ ଦଧିବାମନଙ୍କୁ ନିଆଯାଉଛି।

ଡିଜେ ଅଣାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଗୁରୁବାର ମଧ୍ୟରାତ୍ରିରେ ବଟୀମରା ପଡ଼ିଆଠାରୁ ପ୍ରଥମ ବିମାନ ଭାବେ ରାଧାବଲ୍ଲଭ ଜୀଉ ମେଳଣକୁ ଶୋଭାଯାତ୍ରାରେ ଯାଇଥିଲେ। ପରେ ଏକ ଠାକୁରବାଡ଼ିଆ ପକ୍ଷରୁ ଶୋଭାଯାତ୍ରାରେ ଡିଜେ ଅଣାଯାଇଥିବାରୁ ଏହାକୁ ଅନ୍ୟ ଠାକୁରବାଡ଼ିଆ ବିରୋଧ କରିଥିଲେ। ଏହାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଟେକା ପଥର ମାଡ଼ ଏବଂ ବାଡ଼ି ଠେଙ୍ଗା ମାଡ଼ରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ହୋଇଥିବା କେତେକ ପୋଲିସ ମଧ୍ୟ ଟେକାପଥର ମାଡ଼ର ଶିକାର ହୋଇଥିଲେ। ପରେ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହି ଘଟଣା ପରେ ଶୋଭାଯାତ୍ରା ବନ୍ଦ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରିତ ହେବା ପରେ ୨ଘଣ୍ଟା ବିଳମ୍ବରେ ପୁଣି ବିମାନଗୁଡ଼ିକ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଦଧିବାମନଜୀଉ କାଦୁଅ ଖେଳି ଖେଳି ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ତେବେ ରାତିର ଗଣ୍ଡଗୋଳ ପାଇଁ ମେଳଣ ଭାଙ୍ଗିବା ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ଗଣ୍ଡଗୋଳ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ■ ଐତିହାସିକ କୁମ୍ଭମେଳା ଉଦ୍‌ଯାପିତ

# କୁମ୍ଭ ବୁଡ଼ାଇଲେ ୫ଶହ ଯାଦବ

**ତିହିଡ଼ି, ୨୩।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ଚାରିମାହାଲ ଯାଦବ ସମିତି ପକ୍ଷରୁ ଆୟୋଜିତ ଐତିହାସିକ କୁମ୍ଭମେଳା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାରୋ, ନୟାପାଟଣା, କେରଡିହ, ଗୋପନଗର ଓ ଖରିଦାପାଟଣା ଗ୍ରାମର ୫ଶହ ଯାଦବ ନାଳିଆ ନଦୀରେ କୁମ୍ଭ ବୁଡ଼ାଇଥିଲେ। ସେମାନେ ଶୋଭାଯାତ୍ରାରେ ଆସି ଚନ୍ଦ୍ରିକା ଗୋପବନ୍ଧୁ କୁମ୍ଭମେଳା ପଡ଼ିଆରେ ସମ୍ମିଳିତ ହେବା ପରେ କୁମ୍ଭ ବୁଡ଼ାଇଥିଲେ। ନାଳିଆ ନଦୀ ଘାଟରେ ସନ୍ଧ୍ୟା ଆଳତି ସହ ପୂଜାପାଠ କରାଯାଇଥିଲା। ସନ୍ଧ୍ୟାରେ ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ବାରିକ ପୌରୋହିତ୍ୟ କରିଥିଲେ। ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ଧାମନଗର କଂଗ୍ରେସ ନେତା ବିଦ୍ୟାଧର ଜେନା, ସମିତିସଭ୍ୟ ଉଦ୍ଧବଚରଣ ନାୟକ, ସୁଧାକର ପଲାଇ, ସରପଞ୍ଚ ମାନସୀ ମଲିକ, ଧରଣୀଧର




କୁମ୍ଭ ମେଳାରେ ଲୋକଙ୍କ ଭିଡ଼।

ନାୟକ, ମୁକ୍ତିକାନ୍ତ ପରିଡା, ବୈକୁଣ୍ଠ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୁମ୍ଭମେଳା ପରମ୍ପରା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଳ୍ପତରୁ ପରିଡା ସ୍ୱାଗତ ଭାଷଣ ଏବଂ ଯାଦବ ସମିତି ସଭାପତି ଭାଗୀରଥି ଦାସ ଧନ୍ୟବାଦ ଦେଇଥିଲେ। ସମିତି ଉପସଭାପତି ରବୀନ୍ଦ୍ର ଦାସ, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ସହସମ୍ପାଦକ ବିଷ୍ଣୁମୋହନ ପଲାଇ, କୋଷାଧ୍ୟକ୍ଷ ବନବୀର ପରିଡ଼ାଙ୍କ ସମେତ ସୁରେନ୍ଦ୍ର ନାୟକ, ତନ୍ମୟ ନାୟକ, ହୃଷୀକେଶ ବାରିକ, ଭାସ୍କର ପରିଡା, ପ୍ରଦୀପ ପାଣ୍ଡବ ଓ ସୁଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାଳବୈଶାଖୀ ତାଣ୍ଡବ: ୬ ପରିବାର କ୍ଷତିଗ୍ରସ୍ତ

ତିହିଡ଼ି, ୨୩।୩ (ଡି.ଏନ.ଏ.)

ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଟିଆଡ଼ିସାହି ଗ୍ରାମର ୬ ପରିବାର କାଳବୈଶାଖୀ ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଶୁକ୍ରବାର ଅପରାହ୍ଣରେ ଜୋର୍‌ରେ ପବନ ବହିବା ସହ ବର୍ଷା ହୋଇଥିଲା। ପବନରେ ଘର ଛପର ଓ ଆଜବେଷ୍ଟସ ଉଡ଼ିଯାଇଥିଲା। ଦୁର୍ଯ୍ୟୋଧନ ପାଣ୍ଡବ, ଦୁଃଶାସନ ପାଣ୍ଡବ, ପ୍ରଭାକର ପାଣ୍ଡବ, ମନୋରଞ୍ଜନ ପାଣ୍ଡବ, ଘନଶ୍ୟାମ ମହାକୁଡ ଓ କୈଳାସ ମହାକୁଡଙ୍କ ଘର କ୍ଷତିଗ୍ରସ୍ତ ହୋଇଛି।

# ଶହୀଦ ଦିବସରେ ରକ୍ତଦାନ ଶିବିର

**ଭଦ୍ରକ ଅଫିସ, ୨୩।୩**

**୧୭୦ ୟୁନିଟ ସଂଗ୍ରହ**

ଭଦ୍ରକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶହୀଦ ଭଗତସେନା ପରିବାର ପକ୍ଷରୁ ଚରମ୍ପା ନିକଟସ୍ଥ ଅଗ୍ରୱାଲା ପ୍ୟାଲେସ ପରିସରରେ ୮୮ତମ ଶହୀଦ ଦିବସ ଶନିବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସୀତାକାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଓସିଏର ସମ୍ପାଦକ ଧୀରେନ ପଲେଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ସୈନିକ ସଂଘ ଭଦ୍ରକ ଶାଖାର ସମ୍ପାଦକ ଅଶୋକ ମିଶ୍ର ମୁଖ୍ୟବକ୍ତା ଓ ଶହୀଦ ଭଗତସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ ଶହୀଦ ଭଗତ ସିଂ, ଶହୀଦ ଶିବରାମ ରାଜଗୁରୁ ଓ ଶହୀଦ ସୁଖଦେବଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ। ଯୁବପିଢିମାନଙ୍କ ମଧ୍ୟରେ ଶହୀଦମାନଙ୍କ ବଳିଦାନ କିପରି ଜୀବିତ ରହିବା ସହ ଦେଶମାତୃକାର ସେବା ପାଇଁ ଆହ୍ୱାନ ଦେବା, ସେ ସମ୍ପର୍କରେ ଆବାହକ ମହାପାତ୍ର ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭଗତସେନା ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଡା. ବିମଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ୧୭୦ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ଶେଷରେ ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ୨ ଓଡ଼ିଆଙ୍କ ପରିବାରକୁ ୧ ହଜାର ଟଙ୍କା ପ୍ରଦାନ କରି ଚର୍ଚ୍ଚାକୁ ଆସିଥିବା ତିହିଡ଼ି ଅଞ୍ଚଳର ଟ୍ରଲି ଚାଳକ ନରେନ୍ଦ୍ର ଦାସ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗୁଲଜାରି ମଲ ଦୁର୍ଗାଦତ୍ତ ମେମୋରିଆଲ ଟ୍ରଷ୍ଟ ଅଧୀନରେ ଥିବା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ସମ୍ମାନିତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର



→ @ ବିକାଶ



→ @ କୁମାରେଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମେଳଣରେ ଶୋଭାପାଇଲା ୩୫ ବିମାନ

**ଭଦ୍ରକ ଅଫିସ, ୨୩।୩**

ଭଦ୍ରକ ସହର ଗବସାହି ଦେବଭୂମି ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ମୋଟ ୩୫ ବିମାନ ମେଳଣ ମଣ୍ଡପରେ ଶୋଭା ପାଇଥିଲେ। ଶୁକ୍ରବାର ପୂର୍ବାହ୍ଣରୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଦର୍ଶନ ଦେଇଥିଲେ। ଗବସାହି ଗ୍ରାମର ଶ୍ରୀ ଶ୍ରୀ ଗୋପୀନାଥ ଜୀଉଙ୍କ ସୁସଜ୍ଜିତ ବିମାନକୁ ଝାଞ୍ଜ, ମୃଦଙ୍ଗ, ଖୋଳ ବାଦ୍ୟ ତାଳରେ ଶତାଧିକ ଶ୍ରଦ୍ଧାଳୁ ଶୋଭାଯାତ୍ରା ମାଧ୍ୟମରେ ମେଳଣ ମଣ୍ଡପକୁ ଆଣିଥିଲେ। ଦୁର୍ଗାମଣ୍ଡପ ପରିସରରେ ବନ୍ତ, ପଳସା, ଛୟାଳସିଂ, ହାଟଡିହ, ପଣ୍ଡକୋରା ମଠସାହି, ଇଛାପୁର, ତଡ଼ିରିପାଳ, ଗଣଜାଙ୍ଗ ଆଦି ବିଭିନ୍ନ ସ୍ଥାନରୁ ଠାକୁର ମଦନମୋହନ, ରାଧାକୃଷ୍ଣ ଜୀଉ ନନ୍ଦକିଶୋର ମେଳଣ ମଣ୍ଡପରେ ପହଞ୍ଚିଥିଲେ। ଗବସାହି ଠାକୁରବାଡ଼ିର ଶ୍ୟାମସୁନ୍ଦର ଓ ରାଧାବଲ୍ଲଭ ଠାକୁରଙ୍କୁ ବିଭିନ୍ନ ପଟୁଆରରେ ମେଳଣ ମଣ୍ଡପରେ ବିଜେ କରାଯାଇଥିଲା।

# ଶତାଧିକ ମଧୁମେହ ରୋଗୀ ଚିହ୍ନଟ

ଭଣ୍ଡାରିପୋଖରୀ, ୨୩।୩ (ଡି.ଏନ.ଏ)

ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ଶ୍ରୀରାମ ମେଡିସିନ ଷ୍ଟୋରଠାରେ ଡାବର ଇଣ୍ଡିଆ ପକ୍ଷରୁ ମଧୁମେହ ରୋଗୀ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା.ନିରଞ୍ଜନ ଓଝାଙ୍କ ପୌରୋହିତ୍ୟରେ ବିଭୁପ୍ରସାଦ ମିଶ୍ର, ଅଜୟ କୁମାର ଓଝା, ଜ୍ୟୋତିରଞ୍ଜନ ଓଝା, ପୁରୁଷୋତ୍ତମ ଧଳ, ପ୍ରଫୁଲ୍ଲ ସାହୁ ଓ ପ୍ରଭାତ ରାଉତଙ୍କ ସହାୟତାରେ ଶତାଧିକ ମଧୁମେହ ରୋଗୀ ଚିହ୍ନଟ କରାଯାଇଥିଲା। ପରେ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା। ଶ୍ରୀରାମ ଦୟା ପରିଷଦର କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ।

# ଝଲସୁଛି ମେଳଣ ପଡ଼ିଆ

**ଧାମନଗର, ୨୩।୩ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକର ବୈୟାଙ୍ଗ ଓ ଲୁଣିଆ ମେଳଣ ଶନିବାର ଭୋରୁ ଆରମ୍ଭ ହୋଇଛି। ରଙ୍ଗିନ ଆଲୋକମାଳାରେ ଏହି ଦୁଇ ମେଳଣ ପଡ଼ିଆ ଝଲସୁଛି। ସବୁପୁରାତନ ବୈୟାଙ୍ଗ ମେଳଣ ୨୫୬ ବର୍ଷରେ ପଦାର୍ପଣ କରିଛି। ମୋଟ ୩୩ଟି ବିମାନରେ ବିଭିନ୍ନ ଠାକୁର ବାଡ଼ିରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଆସ୍ଥାନରୁ ବାହାର କରି ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ମେଳଣ ମଣ୍ଡପରେ ଜୀଉମାନଙ୍କର ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ ଜୀଉମାନେ ୨୪ ଘଣ୍ଟା ଅବସ୍ଥାନ କରିଥିଲେ। ଥାନପତିଙ୍କ ତତ୍ତ୍ୱାବଧାନରେ ଘରବାହୁଡା ସମୟରେ ମେଣ୍ଢାଘର ପୋଡ଼ି ଏବଂ ବିଗ୍ରହ ପ୍ରତିଷ୍ଠା ପରେ ନିଜ ମନ୍ଦିର ମଧ୍ୟକୁ ଜୀଉଙ୍କ ପ୍ରବେଶର ନିଆରା ପରମ୍ପରା ରହିଛି। ଉଲ୍ଲେଖନୀୟ ଯେ, ବୟାଙ୍ଗ ଜମିଦାରଙ୍କ ଦ୍ୱାରା ଏହି ପର୍ବ ନୂଆହାଟ ମେଳଣ ପଡ଼ିଆରେ ଆରମ୍ଭ ହୋଇଥିଲା। ଜମିଦାର ସ୍ୱର୍ଗତ ବୃନ୍ଦାବନ ମହାପାତ୍ରଙ୍କ ଅମଳରେ ମଣ୍ଡପର ଉନ୍ନତୀକରଣ, ସ୍ଥାୟୀ ପକ୍କା ମଣ୍ଡପ ଓ ମଞ୍ଚଠାରୁ ଅରମ୍ଭ କରି ନବକଳେବର ହୋଇଥିଲା।

**୨୫୬ ବର୍ଷରେ ବୈୟାଙ୍ଗ ମେଳଣ**



ବୈୟାଙ୍ଗ ମେଳଣ ପର୍ବ।

ସେହିପରି ପ୍ରସିଦ୍ଧ ଲୁଣିଆ ମେଳଣ ମଣ୍ଡପରେ ୩୮ଟି ବିମାନ ଅବସ୍ଥାନ କରି ଦର୍ଶନ ଦେଇଥିଲେ। ଶହୀଦନଗର ମେଳଣ ମଣ୍ଡପରେ ମଧ୍ୟ ଜୀଉମାନଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସୂର୍ଯ୍ୟପୁର ମେଳଣ ପଡ଼ିଆରେ ଶୁକ୍ରବାର ଭୋର ସୁଦ୍ଧା ସମସ୍ତ ବିମାନରେ ଠାକୁର ବାଡ଼ିରୁ ରାଧାକୃଷ୍ଣଙ୍କ ବିଗ୍ରହକୁ ବାଣ ବାଜା ରୋଷଣୀରେ ଅଣାଯାଇଥିଲା। ଅପରାହ୍ଣରେ ହଜାର ହଜାର ଶ୍ରଦ୍ଧାଳୁ ଖିରିଖିଆ ପର୍ବରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ସେହିପରି ଅର୍ଜୁନପୁର ମେଳଣ ପଡ଼ିଆରେ ଶୁକ୍ରବାର ମେଳଣ ପର୍ବ ଶେଷ ହୋଇଯାଇଛି।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ

**ଯୋଡ଼ା/ରାଇସୁଆଁ, ୨୩।୩ (ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ମଲଦା ରାସ୍ତାରେ ଏକ ବାଇକ୍‌କୁ ଗୋଟିଏ ୧୨ ଚକିଆ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ମହିଳା ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ଯେ, ଶନିବାର ଅପରାହ୍ନରେ ଏକ ବାଇକ୍‌ରେ ସିଲ ଯୋଡା ଅଞ୍ଚଳର ଯୁବକ ନରସିଂହ ଲୋହାର ଅନ୍ୟ ୨ ମହିଳା କିରିପା କାଚାପ, ଜ୍ୟୋତି କାଚାପଙ୍କୁ ନେଇ ଝୁମ୍ପୁରା ଆଡୁ ନିଜ ଘରକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଉକ୍ତ ୧୨ ଚକିଆ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ରାସ୍ତାକଡ଼ରେ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ନରସିଂହ (୨୭)ଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ମହିଳା ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସଦର ଅଞ୍ଚଳରେ ହୋଲି ପର୍ବ ପାଳିତ

**ରାଇସୁଆଁ, ୨୩।୩(ଡି.ଏନ.ଏ.)-** କେନ୍ଦୁଝର ଜିଲା ସଦର ଅଞ୍ଚଳର ରାଇସୁଆଁ, ମହାଦେଇଯୋଡା, ପଦ୍ମପୁର, ପଳାଶପଙ୍ଗା, ବାଉରୀପଦା, ଗୋବର୍ଦ୍ଧନ, ନେଲୁଙ୍ଗ, ପର୍ଜନପୁର, ଗୋପୀନାଥପୁର ଆଦି ଅଞ୍ଚଳରେ ଦୋଳପୂର୍ଣ୍ଣିମା ଏବଂ ହୋଲି ପର୍ବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରଥମେ ଠାକୁରଙ୍କ ଅବିର ପୂଜାର୍ଚ୍ଚନା କରାଯାଇଥିଲା। ପରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ଅବିର ଖେଳାଯାଇଥିଲା। ଶୁକ୍ରବାର ହୋଲି ତଥା ରଙ୍ଗ ଖେଳ ହୋଇଥିବା ଦେଖାଯାଇଥିଲା। ଗାଁ ଗହଳିର ଲୋକେ ରଙ୍ଗ ଖେଳରେ ମସ୍‌ଗୁଲ ହୋଇ ନାଚଗୀତ ଗାଇ ଗାଇ ଘର ଘର ବୁଲି ରଙ୍ଗ ଖେଳୁଥିବା ଦେଖିବାକୁ ମିଳିଥିଲା।

### କାଶିବେଡ଼ାରେ ବାଦୀପାଲା ପରିବେଷଣ

**ଢେଙ୍କିକୋଟ, ୨୩।୩(ଡି.ଏନ୍.ଏ.)-** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ କାଶିବେଡ଼ା ଗ୍ରାମ ଗୋପାଳ ସାହିରେ ପ୍ରତି ବର୍ଷ ପରି ଚଳିତ ବର୍ଷ ଦୋଳପୂର୍ଣ୍ଣିମାରେ ବାଦିପାଲା ସାଙ୍ଗକୁ ଦୋଳ ମହୋତ୍ସବ ପାଳନ ହେଉଛି। ୩ଦିନ ଧରି ଏହି ଉତ୍ସବ ସାଙ୍ଗକୁ ବାଦିପାଲା କାର୍ଯ୍ୟକ୍ରମ କରାଯାଉଛି। ଭଦ୍ରକ ଜିଲାର ଗାୟକ ଶଶାଙ୍କ ଲକ୍ଷ୍ମଣ ରାଉତ ସହିତ କଟକ ଜିଲା ଆଠଗଡ଼ ଗ୍ରାମର ଗାୟକ ସନ୍ତୋଷ କୁମାର ପ୍ରଧାନ ବାଦିପାଲା ପରିବେଷଣ କରୁଛନ୍ତି। ଗୋପାଳମାନେ ଦୋଳପୂର୍ଣ୍ଣିମାଠାରୁ ଘରେ ଘରେ ପିଠାପଣା ସାଙ୍ଗକୁ ଗୃହପାଳିତ ଗାଈବଳଦଙ୍କୁ ପୂଜାପାଠ କରିବା ସହ ବନ୍ଦାପଣା କରିଥାନ୍ତି। ଲକ୍ଷ୍ମୀ ନାରାୟଣ ଠାକୁରଙ୍କୁ ପୂଜା କରିଥାନ୍ତି। ପରିବାରର ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ଘରକୁ ଆସିଥିବା ଅତିଥିମାନଙ୍କ ଚର୍ଚ୍ଚା କରିଥାନ୍ତି। ଗୋପାଳମାନଙ୍କ ଏହା ପରମ୍ପରା ନିଆରା ଭାଇଚାରା ପର୍ବ, ପଡ଼ିଶା ଘର ସହ ପିଠା ମିଠା ଆଦାନ ପ୍ରଦାନ ସାଙ୍ଗକୁ ହୋଲି ପର୍ବ ପାଳନ କରିଥାନ୍ତି ବୋଲି ଗ୍ରାମର ବୟୋଜ୍ୟେଷ୍ଠ ମୁରଲିଧର ରାଉତ ପ୍ରକାଶ କରିଛନ୍ତି।

# ଜିଲାରେ ବଢୁଛି ପାନୀୟ ଜଳସଙ୍କଟ

**କେନ୍ଦୁଝର, ୨୩।୩ (ସ୍ୱ.ପ୍ର.)**


ପୋତି ହୋଇପଡୁଥିବା ନଦୀ।

- ପୋତି ହୋଇ ପଡୁଛି ନଦୀ
- ପାଣି ସଂଗ୍ରହ ଲାଗି ମହିଳାଙ୍କ ଧାଡ଼ି
- ଜଳାଶୟ ସୁରକ୍ଷା ଲାଗି ନିଆଯାଉନି କାର୍ଯ୍ୟାନୁଷ୍ଠାନ

ଖଣିଖାଦନ ଭରା କେନ୍ଦୁଝର ଜିଲାରେ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପ୍ରତିବର୍ଷ ଖରାଦିନେ ଜଳ ସଙ୍କଟ ଉଗ୍ର ରୂପ ଧାରଣ କରୁଛି। ବିଗତ ୨ ଦଶନ୍ଧି ମଧ୍ୟରେ ଅନେକ ଝରଣା, ନାଳ ଲୋପ ପାଇ ଗଲାଣି। ମାର୍ଚ୍ଚ ୨୨କୁ ବିଶ୍ୱ ଜଳ ଦିବସ ଭାବେ ପାଳନ କରାଯାଉଥିବାବେଳେ କେନ୍ଦୁଝର ଜିଲାରେ ଜଳାଶୟର ସୁରକ୍ଷା ଓ ଜଳ ସଂରକ୍ଷଣ ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ନଦୀ ସବୁ ପ୍ରାୟ ପୋତି ହୋଇଗଲାଣି। ଏହାର ପ୍ରଭାବରେ ନଈନାଳ କୂଳରେ ଥିବା ଜନବସତି, ଚାଷଜମି, ଜଙ୍ଗଲ ଆଦି କ୍ଷତିଗ୍ରସ୍ତ ହେବାକୁ ଲାଗିଛି। ସେହିପରି ପାହାଡିଆ ଇଲାକାରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଫଳରେ ଚଳିତବର୍ଷ ଏବେଠାରୁ ବହୁ ପୋଖରୀ, ବନ୍ଧ ଆଦି ଶୁଖିଲାପଡିଛି। ଅନେକ ନଳକୂପ, ବୋରୱେଲ ଅଚଳ ହୋଇ ଯାଉଛି। ନଦୀନାଳ ଉପରେ ନିର୍ଭର କରୁଥିବା ପାନୀୟ ଜଳପ୍ରକଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଜିଲାରେ କାନଝରୀ, ବୈତରଣୀ, ଅରଡେଇ, ସୋନା, ମୁର୍ଗା ଆଦି ନଦୀରେ ବନ୍ଧ କରାଯାଇ ଜଳସେଚନ ବ୍ୟବସ୍ଥା କରାଯାଇଛି। ଏସବୁ ନଦୀରୁ ପାନୀୟ ଜଳ ଯୋଗାଣ ପାଇଁ ଆଉ କେତେ ପ୍ରକଳ୍ପ ନିର୍ମାଣ ଚାଲିଛି। ଅନ୍ୟପକ୍ଷେ ଖଣିଖାଦନ ଓ ଶିଳ୍ପ ସଂସ୍ଥାର ବର୍ଜ୍ୟବସ୍ତୁ ଯୋଗୁଁ ଅନେକ ଝରଣା ଲୋପ ପାଇଯିବା ସହ ନଦୀନାଳ ପାଣି ପ୍ରଦୂଷିତ ହେଉଛି। ବର୍ଷା ଦିନେ ନଦୀରେ ପାଣି ଗଚ୍ଛିତ ରଖିବାକୁ କୌଣସି ବନ୍ଧ ନିର୍ମାଣ କରାଯାଉ ନାହିଁ। ଅନ୍ୟପକ୍ଷେ ବିଭିନ୍ନ କମ୍ପାନୀଙ୍କୁ ନଦୀନାଳରୁ ପାଣି ଆବଣ୍ଟନ କରଯାଉ ଥିବାରୁ ଏହି ସମସ୍ୟା ନେଇ ପରିବେଶବିତ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ଜଷ୍ଟିସ ଶାହା କମିଶନ ଜିଲାରେ ଖଣି ଦୁର୍ନୀତିର ତଦନ୍ତ କଲା ବେଳେ ନଦୀନାଳ ପ୍ରଦୂଷଣ ରୋକିବାକୁ ତାଗିଦ କରିଥିଲେ। କିନ୍ତୁ ଏହାର ସୁରକ୍ଷା ପାଇଁ ପ୍ରଶାସନ କିମ୍ବା କମ୍ପାନୀ ମାନେ ପଦକ୍ଷେପ ଗ୍ରହଣ କରୁ ନ ଥିବା ପରିବେଶବିତ ହରେକୃଷ୍ଣ ମହାନ୍ତ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ବିଭିନ୍ନ ଅଞ୍ଚଳରେ ଶହେରୁ ଦୁଇଶହ ଫୁଟ ଗଭୀରତା ଯାଏ ଖୋଳା ଗଲେ ମଧ ନଳକୂପରୁ ପାଣି ବାହାରୁ ନାହିଁ। ଯେଉଁଠି ନଳକୂପରୁ ପାଣି ବାହାରୁଛି, ସେଠାରେ ପାନୀୟ ଜଳ ସଂଗ୍ରହ ଲାଗି ମହିଳାଙ୍କ ଭିଡ ଲାଗି ରହୁଛି। ପ୍ରଗତିଶୀଳ ନାଗରିକ ମଞ୍ଚର ସଭାପତି ଧିରେନ୍ଦ୍ର ରାଉତ କହିଛନ୍ତିଯେ, ସରକାରୀ ସ୍ତରରେ ପାନୀୟ ଜଳ ଯୋଗାଣ ପାଇଁ ନଳକୂପ, ପାଇପ ଜଳ ଯୋଗାଣ ପ୍ରକଳ୍ପ, ଓଭରହେଡ ଟାଙ୍କି, ବୋର ୱେଲ ଆଦି ନିର୍ମାଣ ହେଉଥିଲେମଧ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଲୋକେ ଜଳକଷ୍ଟର ଶିକାର ହେଉଛନ୍ତି। ବର୍ଷକୁ ବର୍ଷ ଏହି ସମସ୍ୟା ବଢୁଥିଲେ ମଧ ଏହାର ସମାଧାନ ଲାଗି କାହାରି ଚିନ୍ତା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ହଜିବାକୁ ବସିଲେଣି ଘରଚଟିଆ

**କେନ୍ଦୁଝର, ୨୩।୩(ସ୍ୱ.ପ୍ର)**



ଏକଦା ଗାଁଗଣ୍ଡା ଓ ସହର, ଘରବାଡି, ଗଛରେ ଭରପୂର ଥିବା ଘରଚଟିଆ ଆଉ ଦେଖିବାକୁ ମିଳୁନାହିଁ କିମ୍ବା ତା'ର ଶବ୍ଦ ଶୁଭୁନାହିଁ। ଏଣେତେଣେ ବସୁଥିବା ମୋବାଇଲ ଟାୱାର ପ୍ରଭାବରେ ଏସବୁ ଲୋପ ପାଇଥିବା କୁହାଯାଉଛି। ତେବେ ଏହା ସତ୍ତ୍ୱେ ରାସ୍ତାକଡ଼ରୁ କଟାଯାଉଥିବା ଗଛ, ବାଡିବଗିଚାରେ ଲଗାଯାଉଥିବା ଅଦରକାରୀ ସୌଖୀନ ଗଛ, କଂକ୍ରିଟ ଜଙ୍ଗଲ ଯୋଗୁ ବୃଦ୍ଧି ପାଉଥିବା ଉତ୍ତାପ ଏହି ଚଢ଼େଇ ବଂଶ ଲୋପର କାରଣ ବୋଲି ଅନେକେ ମତବ୍ୟକ୍ତ କରୁଛନ୍ତି। ଏତଦ୍‌ବ୍ୟତୀତ ଉଚ୍ଚ ଶକ୍ତିସମ୍ପନ୍ନ ଡିଜେ, ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିମୋଟରର ବିକଟାଳ ହର୍ନ, ବାଣ ଶବ୍ଦ ଆଦି ଶହ ଶହ ବର୍ଷର ଚଢ଼େଇଙ୍କ ପାଇଁ କାଳ ହେଉଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି। ସେହିପରି ଚାଳଘର ନଷ୍ଟ ହୋଇଯିବାରୁ ଚଢ଼େଇମାନେ ବାସହରା ହୋଇ ଏବେ ଗଛରେ ରହୁଛନ୍ତି। କେନ୍ଦୁଝର ପ୍ରଶାସନିକ ଅଧିକାରୀ ରାସ୍ତାକଡ଼ରେ ଥିବା ବହୁ ଗଛକୁ କାଟିବା ନିର୍ଦ୍ଦେଶ ଦେବାରୁ ସେମାନେ ବାସହରା ହୋଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର କଫି ହାଉସ ନିକଟରେ ଥିବା ଏକ ଗଛ କେତେକ ଚଢେଇଙ୍କ ବାସସ୍ଥାନ ହୋଇଥିଲେ ହେଁ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ବ୍ୟସ୍ତ ଜୀବନ ଓ ସୁଖ ସ୍ୱାଚ୍ଛନ୍ଦ୍ୟରେ ବ୍ୟସ୍ତ ଥିବା ମଣିଷ ଏହି ଛୋଟ ଚଢ଼େଇର ଉପକାରିତା ଭୁଲିଯାଇ ସେମାନଙ୍କ ସୁରକ୍ଷାକୁ ଭୁଲିଯାଇଥିବା ବେଳେ ଏଭଳି ଧାରା ଲାଗିରହିଲେ ଆଗାମୀ ଦିନରେ ଏହି ଚଢ଼େଇ ସମ୍ପୂର୍ଣ୍ଣ ଲୋପ ପାଇବା ସହ ଫଟୋ ଓ ଚିତ୍ରରେ ସୀମିତ ରହିବ ବୋଲି ପରିବେଶବିତ୍ ମତବ୍ୟକ୍ତ କରୁଛନ୍ତି। ଏଣୁ ଏହି ଚଢ଼େଇର ସୁରକ୍ଷା ପାଇଁ ଅନେକ ସ୍ଥାନରେ ପ୍ରୟାସ ଆରମ୍ଭ ହୋଇଥିଲେ ହେଁ ଏଠାରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ରାଜବନ୍ଧରେ ବାହାବଙ୍ଗା ପର୍ବ


ମାଦଳର ତାଳେ ତାଳେ ନୃତ୍ୟ ପରିବେଷଣ କରୁଛନ୍ତି।

**ରାଇସୁଆଁ, ୨୩।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତର ତଳଧାଡିକା ଗ୍ରାମରେ ନିଆରା ଢଙ୍ଗରେ ବାହାବଙ୍ଗା ପର୍ବ ଶନିବାର ପାଳିତ ହୋଇଯାଇଛି। ଏହି ପର୍ବ ସାନ୍ତାଳୀ ସମ୍ପ୍ରଦାୟର ଏକ ମୁଖ୍ୟ ପର୍ବ। ଫଗୁଣ ମାସ ପୂର୍ଣ୍ଣିମାରେ ଏହି ପର୍ବପାଳିତ ହୋଇଥାଏ। ଏହି ଅବସରରେ ଶାଳିଆ ପୂଜା ପାରମ୍ପାରିକ ରୀତିନୀତିରେ ପାଳିତ ହୋଇଯାଇଛି। ସାନ୍ତାଳୀ ମାନଙ୍କ ଦେବାଦେବୀ ଜାହେରଆୟ, ମଣେକ, ଲିଟା ପ୍ରଭୃତି ଦେବାଦେବୀ ମାନଙ୍କୁ ନାଏକେ ବା ପୂଜକ ପିତାମ୍ବର ମାଝୀ ଶାଳଫୁଲ, ମହୁଲଫୁଲ, ଶାଳ ପତ୍ର ଅର୍ପଣ କରି ପୂଜାର୍ଚ୍ଚନା କରିଥଲେ।

ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଶାଳଫୁଲ ଅର୍ପଣ କରାଯାଇଥିଲା। ପୂଜା ପରେ ସେମାନେ ଶାଳ, ମହୁଲ ଆଦିର ଫଳଫୁଲ, ପତ୍ର ବ୍ୟବହାର କରି ପାରିବେ ବୋଲି ପରମ୍ପରା ରହିଛି। ଏହି ପର୍ବପାଳନ ଦ୍ୱାରା ଗ୍ରାମରେ ଅସୁବିଧା ବା ସମସ୍ୟା ଦୂର ହୋଇଥାଏ ବୋଲି ସମସ୍ତଙ୍କର ବିଶ୍ୱାସ ରହିଛି। ଏସମ୍ପର୍କରେ ବରିଷ୍ଠ ସାନ୍ତାଳୀ ସମ୍ପ୍ରଦାୟର କାଳିଚରଣ ମାଝୀ କହିଛନ୍ତି ଯେ, ଏହି ପର୍ବକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ଏକ ନିଆର ଢଙ୍ଗରେ ପାଳନ କରନ୍ତି। ବିଶେଷ ଭାବେ ପ୍ରକୃତି ପୂଜା ଯଥା ନୂଆ ଫୁଲ ଏବଂ ପତ୍ରକୁ ପ୍ରଥମେ ଶାଳ ଗଛରେ ପୂଜା କରାଯାଇ ପରେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ବ୍ୟବହାର କରନ୍ତି। ରବିରାମ ମାଝୀ କହିଛନ୍ତି ଯେ, ଆମ୍ଭେ ମାନେ ଆଦିବାସୀ ଏବଂ ଆମ୍ଭ ମାନଙ୍କ ପୂର୍ବପୁରୁଷ ମାନେ ଜଙ୍ଗଲ ରେ ବସବାସ କରୁଥିଲେ ଏବଂ ସେତେବେଳେ କେବଳ ଫଳ ଫୁଲ ପତ୍ର କୁ ଖାଦ୍ୟ ରୂପରେ ବ୍ଯବହାର କରି ଜୀବନ ନିର୍ବାହ କରୁଥିଲେ। ତେଣୁ ଆମ୍ଭେ ମାନେ ସେହି ପ୍ରକୃତି ଦତ ଫୁଲ ପତ୍ରକୁ ପ୍ରଥମେ ଦେବାଦେବୀଙ୍କୁ ଅର୍ପଣ ପରେ ବ୍ୟବହାର କରୁ। ସାନ୍ତାଳୀ ନାଚ ଗୀତ ଏବଂ ମାଦଳଆଦି ବାଦ୍ୟରେ ଏହି ଅଞ୍ଚଳ ଦୁଲୁକି ଉଠେ। ପର୍ବ ପାଇଁ ଗାଁ ଦାଣ୍ଡଟିକୁ ଖୁବ ସୁନ୍ଦର ଭାବରେ ସୁସଜ୍ଜିତ କରାଯାଇଥାଏ। ଗ୍ରାମର ପ୍ରାୟ ସମସ୍ତ ଲୋକ ଏହି ଦିନ ସାମିଲ ହୋଇଥାନ୍ତି ଏହି ନିଆରା ପର୍ବରେ। କାର୍ଯ୍ୟକ୍ରମ ପରିଚାଳନାରେ ରାମ ମାଝୀ, ବିଦ୍ୟାଧର ମାର୍ଣ୍ଡି, ଶିବ ମାର୍ଣ୍ଡି, ବିଶ୍ୱାଳମାଝୀ ପ୍ରମୁଖ ମୂଖ୍ୟଭୂମିକା ଗ୍ରହଣ କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ନିର୍ବାଚନ ଲାଗି ଜାରି ହେଲା ଟୋଲ ଫ୍ରି ନମ୍ବର

**କେନ୍ଦୁଝର, ୨୩।୩ (ସ୍ୱ.ପ୍ର.)**

ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ କରିବା ପାଇଁ ଭାରତର ନିର୍ବାଚନ କମିଶନ ଓ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ, ଅନିୟମିତତା ସମ୍ପର୍କରେ ଜନସାଧାରଣ କେନ୍ଦୁଝର ଜିଲା ନିର୍ବାଚନ କାର୍ଯ୍ୟାଳୟରେ ସ୍ଥାପିତ ୦୬୭୬୬- ୨୫୫୪୯୫, ୦୬୭୬୬- ୨୫୫୪୯୭ ଟେଲିଫୋନ ନମ୍ବରକୁ ଫୋନ କରି ଆପତ୍ତି ଅଭିଯୋଗ କରିପାରିବେ। ଅଭିଯୋଗ ପାଇବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପ୍ରକ୍ରିୟାରେ କୌଣସି ଅର୍ଥ କାରବାର ସମ୍ପର୍କରେ ଅଭିଯୋଗ ଦର୍ଜ ପାଇଁ ଆୟକର ବିଭାଗ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

# ହରିହର ମନ୍ଦିରର ବାର୍ଷିକୋତ୍ସବ


ହରିହର ମନ୍ଦିର ବାର୍ଷିକୋତ୍ସବ ସମାରୋହରେ ଯଜ୍ଞର ପୂର୍ଣ୍ଣାହୁତି।

**ବଡବିଲ, ୨୩।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲସ୍ଥିତ ହରିହର ମନ୍ଦିରର ୩୩ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳନ କରାଯାଉଛି। ପ୍ରତିବର୍ଷ ଭଳି ଚୈତ୍ର କୃଷ୍ଣପକ୍ଷ ତୃତୀୟାତିଥିରେ ମନ୍ଦିରର ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଶନିବାର ବଡି ଭୋରରୁ ଆରମ୍ଭ ହୋଇଥିବା ଜଣାପଡିଛି। ସକାଳ ୬ଟାରୁ ଶ୍ରୀ ବିଷ୍ଣୁ ସହସ୍ରନାମ ଓ ଗୀତାପାରାୟଣ, ପଣ୍ଡିତ ଲକ୍ଷ୍ମଣ ଦାଶଙ୍କ ଦ୍ୱାରା ନାମଯଜ୍ଞ ଶୁଭାଧିବାସ, ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲାବେଳେ ସକାଳ ୮ଟା ବେଳେ ସୂର୍ଯ୍ୟ ପୂଜା, ଗୋ ପୂଜା, ପବିତ୍ର ଯଜ୍ଞାଗ୍ନି ସ୍ଥାପନ ହୋଇଥିଲା। ସକାଳ ୧୦ଟା ବେଳେ ମହାରୁଦ୍ରାଭିଷେକ ଓ ଚଣ୍ଡୀ ପାଠ, ଦିବା ୧ଟା ବେଳେ ମହାପ୍ରସାଦ ବିତରଣ କରାଯାଇଥିଲାବେଳେ ଯଜ୍ଞ ବେଦୀରେ ବିବାହ, ବ୍ରତ, କର୍ଣ୍ଣଭେଦ ଓ ବିଦ୍ୟାରମ୍ଭ ଆଦିର ବ୍ୟବସ୍ଥା ରହିଛି। ଶନିବାର ଅପରାହ୍ନ ସାଢେ ୫ଟାରେ ଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲାବେଳେ ସନ୍ଧ୍ୟା ସାଢେ ୭ ଟାରେ ଭଜନ ସମାରୋହର କାର୍ଯ୍ୟକ୍ରମ ହୋଇଥିଲା।

# ଆଇପିଏଲ ଖେଳ ପାଇଁ ସଟ୍ଟା ବଜାର ସକ୍ରିୟ

**ଯୋଡ଼ା, ୨୩।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ଅଞ୍ଚଳରେ ସକ୍ରିୟ ହୋଇ ପଡିଛି ସଟ୍ଟା ବଜାର। ୨୩ରୁ ଇଣ୍ଡିଆନ୍ ପ୍ରିମିୟମ ଲିଗ୍ (ଆଇପିଏଲ) ଆରମ୍ଭ ହେବାକୁ ଥିବା ବେଳେ ସଟ୍ଟା ବଜାର ଯୋଡା ଅଞ୍ଚଳରେ ସକ୍ରିୟ ହୋଇପଡିଛି। ସହରରେ ଥିବା ବିଭିନ୍ନ ଗଳି, ଛକ, କଲୋନୀ ଏପରିକି ଚା'ଦୋକାନ ଆରମ୍ଭ କରି ବିଭିନ୍ନ ଦୋକାନ ଘରେ ମଧ ଏହି ଆଇପିଏଲ ଜୁଆ ଖେଳ ପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିବା କୁହାଯାଉଛି। ଏପରିକି ଅନଲାଇନ ମୋବାଇଲରୁ ଟଙ୍କା ଟ୍ରାନସଫର ମାଧ୍ୟମରେ ଏହି ସଟ୍ଟା ଖେଳ ଚଳିତ ବର୍ଷ ସଟ୍ଟାବାଜମାନେ ସେମାନଙ୍କ ରଣନୀତି ପ୍ରସ୍ତୁତ କରୁଛନ୍ତି। ଗତ ବର୍ଷ ଆଇପିଏଲ ଖେଳ ବେଳେ ଯୋଡା ପୋଲିସ ବିଭିନ୍ନ ଜାଗାରେ ଚଢାଉ କରିଥିଲା। ଯୋଡା ସହରରେ ମୁଖ୍ୟତଃ ବସଷ୍ଟାଣ୍ଡ, ଷ୍ଟେଟ ବ୍ୟାଙ୍କ ଛକ ପ୍ରଭୃତି ସ୍ଥାନରେ ସଟ୍ଟାବାଜ ମାନେ ସଟ୍ଟା ଖେଳିବା ପାଇଁ ଆଡ୍ଡା ଜମାଇଲେଣି। ଏଥର ନୂଆ କୌଶଳରେ ମୋବାଇଲ ଫୋନର ଆପ୍ଲିକେସନ ମାଧ୍ୟମରେ ସଟ୍ଟା ଖେଳର ସମ୍ଭାବନା ଅଧିକ ରହିଛି। ସଟ୍ଟା ଖେଳ ବର୍ତ୍ତମାନ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଇଛି ବୋଲି ସାଧାରଣ ଲୋକ କହୁଛନ୍ତି।

# ଆର୍ଥିକ ଦୁର୍ବଳଙ୍କୁ ମିଳିବ ମାଗଣା ଆମ୍ବୁଲାନ୍ସ ସେବା

**ବଡ଼ବିଲ, ୨୩।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ଆର୍ଥିକ ଦୁର୍ବଳଙ୍କୁ ମାଗଣା ଆମ୍ବୁଲାନ୍ସ ସେବା ମିଳିବ। ସ୍ଥାନୀୟ ଏକ ଘରୋଇ କମ୍ପାନୀ ଦ୍ୱାରା ଯୁବ ସଙ୍ଗଠନ 'ପ୍ରୟାସ'କୁ ଏହି ଆମ୍ବୁଲାନ୍ସ ହସ୍ତାନ୍ତର କରାଯାଇଥିଲାବେଳେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ସଂପୃକ୍ତ ଘରୋଇ କମ୍ପାନୀର ପଦାଧିକାରୀ ଯୋଗଦେଇଥିଲାବେଳେ ସଙ୍ଗଠନର କର୍ମକର୍ତ୍ତା, ସଦସ୍ୟ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ତେବେ ଏହି ଆମ୍ବୁଲାନ୍ସର ସୁପରିଚାଳନା ନିମନ୍ତେ କମ୍ପାନୀ ଏହି ଯୁବ ସଙ୍ଗଠନକୁ ଦାୟିତ୍ୱ ଦେଇଥିବା ଜଣାପଡିଛି। ଆର୍ଥିକ ଦୁର୍ବଳଙ୍କୁ ମାଗଣାରେ ଏହି ଆମ୍ବୁଲାନ୍ସ ସେବା ଯୋଗାଇଦେବା ସହ ଆର୍ଥିକ ସବଳ ବ୍ୟକ୍ତିଙ୍କ ଲାଗି ଇନ୍ଧନ ସହ ୧୨ଶହ ଟଙ୍କା ଦେୟ ନିର୍ଦ୍ଧାରଣ କରାଯାଇଥିବା ଜଣାପଡିଛି। ଏହି ଆମ୍ବୁଲାନ୍ସ ସେବା କେବଳ ସବ୍‌ଡିଭିଜନ କିମ୍ବା ଜିଲା ଭିତରେ ସୀମିତ ନ ରହି ରାଜ୍ୟ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ରୋଗୀ ସେବାରେ ସହାୟକ ହେବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସରକାରଙ୍କ ଦ୍ୱାରା ଯୋଗାଣ ହୋଇଥିବା ୧୦୮ ଓ ୧୦୨ ଆମ୍ବୁଲାନ୍ସ ଅଧିକାଂଶ ସମୟରେ ମିଳିପାରୁ ନ ଥିବାବେଳେ ଏକାଧିକ ଦୁର୍ଘଟଣାଜନିତ ଗୁରୁତର ରୋଗୀଙ୍କୁ କଟକ ସ୍ଥାନାନ୍ତର କରିବାରେ ଏହା ସହାୟକ ହେବ ବୋଲି ସଙ୍ଗଠନର ସଭାପତି ଶୈଳେଶ କର୍ମକାର କହିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଟିସି ସେଇ, ପ୍ରତାପ କିଶୋର ଦାସଙ୍କ ସହ ଯୁବ ସଙ୍ଗଠନର ସମ୍ପାଦକ ଇନ୍ଦ୍ରଦେବ ଯାଦବ, ସହସମ୍ପାଦକ ରାମ କର୍ମକାର ଓ କୋଷାଧ୍ୟକ୍ଷ ନୀଳକୁମାର ସିହ୍ନାଙ୍କ ସହ ସଦସ୍ୟମାନେ ଉପସ୍ଥିତ ଥିଲେ।

# 'ରାସ୍ତା ନାହିଁ ତ ଭୋଟ ନାହିଁ'


ମହିଳାମାନେ କାଦୁଅ ପଚ ପଚ ରାସ୍ତାରେ ଯାଉଛନ୍ତି।

**କେନ୍ଦୁଝର ୨୩।୩ (ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନରେ ଗାଁ ଲୋକେ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଗାଁ ଭିତରକୁ ରାଜନେତାଙ୍କୁ ପୁରାଇ ଦିଆଯିବ ନାହିଁ ବୋଲି କେନ୍ଦୁଝର ସଦର ବ୍ଲକ ବାଉରିପଦା ପଞ୍ଚାୟତର କାଠକରିଆ ଗ୍ରାମବାସୀ ସଂକଳ୍ପ ନେଇଛନ୍ତି। ସ୍ୱାଧୀନତାର ୭୨ ବର୍ଷ ପରେ ଗାଁ ଭିତରକୁ ଖଣ୍ଡେ ଭଲ ରାସ୍ତା ନାହିଁ। ଫଳରେ ଗାଁକୁ ଆମ୍ବୁଲାନ୍ସ ଆସିପାରେ ନାହିଁ। ସେହିପରି ବର୍ଷା ଦିନେ ସ୍କୁଲକୁ ପିଲା ମାନେ କାଦୁଅ ପଚ ପଚ ରାସ୍ତାରେ ଯିବାକୁ ବାଧ ହୁଅନ୍ତି।

କେନ୍ଦୁଝର ଜିଲାପାଳଙ୍କର କାର୍ଯ୍ୟାଳୟ ଠାରୁ ମାତ୍ର ୬ କି.ମି. ଦୂରରେ ଥିବା ଏହି ଗ୍ରାମର ଅବସ୍ଥାକୁ ଦେଖିଲେ ବେଶ ବୁଝିହେବ। ପ୍ରଶାସନିକ ଅଧିକାରୀଙ୍କର ଦାୟିତ୍ୱହୀନତା ପାଇଁ ଏଭଳି ସମସ୍ୟା ଦେଖାଦେଇଥିବା ସେମାନେ କହିଛନ୍ତି। ଗାଁ ଲୋକଙ୍କର ଅଭିଯୋଗ ଅନୁସାରେ ଗାଁ ରେ ରହିଛନ୍ତି ୧୫ ଶହରୁ ଉର୍ଦ୍ଧ୍ୱ ଭୋଟର। ଏଣୁ ନିର୍ବାଚନ ଆସିଲେ ସବୁ ରାଜନେତା ମାନେ ଗାଁ କୁ ଆସନ୍ତି ଓ ପ୍ରତିଶ୍ରୁତି ଦେଇ ଚାଲିଯାଆନ୍ତି। ଜିତିଲେ ଭୁଲିଯାଆନ୍ତି। ୧୯୯୮ ମସିହାରେ ଗାଁର ବିଭିନ୍ନ ସମସ୍ୟା ନେଇ ଲୋକେ ଭୋଟ ବର୍ଜନ କରିଥିଲେ। ପ୍ରତିଶ୍ରୁତି ମିଳିଥିଲା କିନ୍ତୁ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ସ୍କୁଲକୁ ପିଲା ମାନେ କାଦୁଅ ରାସ୍ତାରେ ବହୁ ଅସୁବିଧାରେ ଯାତାୟତ କରୁଥିବା କହିଛନ୍ତି। ହାତରେ ଯୋତା ଧରି ସାଇକେଲ ଗଡାଇ ଗଡାଇ ଯିବାକୁ ବାଧ ହୁଅନ୍ତି ବୋଲି ଛାତ୍ରୀମାନେ କହିଛନ୍ତି। ଗତ ୧୫ ଦିନ ତଳେ ରାସ୍ତା ଖରାପ ଯୋଗୁଁ ଗାଁ କୁ ଆମ୍ବୁଲାନ୍ସ ଆସି ପାରିନଥିବାରୁ ଜଣେ ଗର୍ଭବତୀ ମହିଳା ଠିକ ସମୟରେ ଡାକ୍ତରଖାନା ନ ପହଞ୍ଚିବାରୁ ମୃତ୍ୟୁବରଣ କରିଥିବା କହିଛନ୍ତି। ତେବେ ଶନିବାରି ଗାଁରେ ଏକ ବୈଠକ କରି ଆଗାମୀ ନିର୍ବାଚନ ପାଇ ଗାଁକୁ କୌଣସି ରାଜନେତାଙ୍କୁ ପୁରାଇ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଗାଁ କୁ ରାସ୍ତା ନାହି ତ ଭୋଟ ନାହିଁ ବୋଲି ଗାଁ ଲୋକେ ରୋକଠୋକ ଶୁଣାଇଦେଇଛନ୍ତି। ଏନେଇ ପଦକ୍ଷେପ ନିଆଯିବ ବୋଲି ନିର୍ବାଚନ ଆଚରଣ ବିଧୀ ଲାଗୁ ହୋଇଥିବାରୁ ଏବେ କିଛି କରି ହେବ ନାହିଁ ନିର୍ବାଚନ ସରିଲେ ରାସ୍ତା କାମ ହେବାର ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି।

# ପାଳୁଅ ଚାଷକୁ ମିଳୁନି ପ୍ରୋତ୍ସାହନ

**କେନ୍ଦୁଝର, ୨୩।୩(ସ୍ୱ.ପ୍ର)**


ଆଦିବାସୀ ମହିଳାମାନେ ପାଳୁଆ ବିକ୍ରି କରୁଛନ୍ତି।

କେନ୍ଦୁଝର ଜିଲାର ବଣପାହାଡ଼ ଅଞ୍ଚଳ ବିଶେଷକରି ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ଆଦି ଆଦିବାସୀ ଅଧ୍ୟୁଷିତ ଇଲାକାର ଜଳବାୟୁ ପାଳୁଅ, ହଳଦୀ, ଅଦା, ଖମ୍ବଆଳୁ, ଓଲୁଅ, ସାରୁ ଇତ୍ୟାଦି ଚାଷ ପାଇଁ ଅନୁକୂଳ। ଏଥିପାଇଁ ବଜାର ବ୍ୟବସ୍ଥା ଏବଂ ପ୍ରୋତ୍ସାହନ ମିଳିଲେ ଏହି ଚାଷ କରୁଥିବା ବନବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ। ଏହାଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେଲେ ସେମାନେ ଜଙ୍ଗଲ କାଟି କାଠ ବିକିବା କାମରୁ ନିବୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଉଛି। ଏଭଳି ଏକ ଲାଭଜନକ ଚାଷ ହେଉଛି ପାଳୁଅ।

ପାଳୁଅ ସ୍ୱାସ୍ଥ୍ୟ ପକ୍ଷେ ହିତକର। ଏଣୁ ଏହାର ଚାହିଦା ସବୁଠି ଅଛି। ଏହାକୁ ପ୍ୟାକିଂ କରି ବଡ଼ ବଡ଼ କମ୍ପାନୀ କିଲୋ ପ୍ରତି ୮୦୦ ଟଙ୍କାରେ ବିକ୍ରି କରିଥାନ୍ତି। ତେବେ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀମାନେ କିଲୋ ପ୍ରତି ମାତ୍ର ୩୫୦ରୁ ୪୦୦ ଟଙ୍କାରେ ବିକି କ୍ଷତି ସହୁଛନ୍ତି। ପାଳୁଅ ଚାଷ ଯେତେ କଷ୍ଟକର ନୁହେଁ,

**ମିଳୁନି ପରିଶ୍ରମର ମୂଲ୍ୟ**

ତା'ଠାରୁ ଅଧିକ କଷ୍ଟ ପାଳୁଅ ପ୍ରସ୍ତୁତ ପଦ୍ଧତି। ଏଣୁ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁ ନ ଥିବାରୁ ଅନେକ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ହଳଦୀ, ଅଦା ଭଳି ପାଳୁଅ ହେଉଛି ମୂଳଜାତୀୟ ଏବଂ ଏହା ମାଟିତଳେ ଫଳିଥାଏ। ଏହାକୁ ଖୋଳି ଭଲ ଭାବେ ଧୋଇ ଚନ୍ଦନ ଭଳି ଘୋରି ଏଥିରୁ ବାହାରୁଥିବା ପେଷ୍ଟକୁ ଏକ କପଡ଼ାରେ ସଂଗ୍ରହ କରାଯାଏ। ଏହାକୁ ଚିପୁଡିବା ପରେ ବା ପାଣି ନିଗଡ଼ି ଗଲା ପରେ ଯେଉଁ ଅଂଶ ରହିଯାଏ ତାହାକୁ ଶୁଖାଯାଏ। ଯେଉଁ ଧଳା ଧଳା ଖଣ୍ଡ ଖଣ୍ଡ ହୋଇ ବାହାରିଥାଏ ତାହାକୁ ପାଳୁଅ କୁହାଯାଏ।

ଏହି ସମୟରେ ସାଧାରଣତଃ ପାଳୁଅ ଅମଳ ହୋଇଥାଏ। ଏହାକୁ ବନବାସୀ ହାଟ, ବଜାରରେ ପତ୍ର ପଲଙ୍ଗାରେ ବିକ୍ରି କରିଥାନ୍ତି। ଅନେକ ସମୟରେ ବେପାରୀମାନେ ଗ୍ରାମରେ ପହଞ୍ଚି ବହୁତ କମ୍ ଦାମ୍‌ରେ ଏବଂ ଓଜନରେ ଠକି ନେଇଯାଆନ୍ତି। ପାଳୁଅରେ ରହିଛି ବହୁପ୍ରକାର ଔଷଧୀୟ ଗୁଣ। ବିଶେଷକରି ପେଟ ରୋଗୀଙ୍କୁ ଏହା ଖାଇବାକୁ ଦିଆଯାଏ। ସରକାର ସହାୟତା କରି ଚାଷକୁ ଅଧିକ ବ୍ୟାପକ କଲେ ଏବଂ ଏହାକୁ ଅତ୍ୟାଧୁନିକ ଉପାୟରେ ଘୋରି ଶୁଖାଇବା ବ୍ୟବସ୍ଥା କଲେ ଏହା ଅଧିକ ଲାଭଜନକ ହୋଇପାରିବ ବୋଲି ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଏହାର ପ୍ରକ୍ରିୟା କରଣ ଓ ପ୍ୟାକିଂ କରି ବଜାରରେ ବିକିଲେ ସେମାନେ ଅଧିକ ଲାଭବାନ ହେବେ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ଶିକ୍ଷାବିତ୍ ଡକ୍ଟର ଅନିଲ ଦାସ କହିଛନ୍ତି। ବଜାର ବ୍ୟବସ୍ଥା ଓ ସହାୟତା ମିଳିଲେ ଅଧିକ ଉପକୃତ ହୋଇପାରନ୍ତୁ ବୋଲି ଚାଷୀ ନନ୍ଦ ଦେହୁରୀ, ପାର୍ବତୀ ଦେହୁରୀ, ନବାତ ଦେହୁରୀ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ନକଲି ବିଦେଶୀ ମଦ ଜବତ : ଅଭିଯୁକ୍ତ ଗିରଫ



ରୂପ୍‌ସା, ୨୩।୩(ଡି.ଏନ.ଏ.):ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ରୂପ୍‌ସା-ବୈଶିଙ୍ଗା ରାସ୍ତାର ପଣସିଆ ଛକ ନିକଟରେ ଏକ ଚୋରା ମଦ ଦୋକାନରୁ ୮୯ ବୋତଲ ନକଲି ବିଦେଶୀ ମଦ ଜବତ ହୋଇଛି। ସେହି ଗ୍ରାମର ଅଭିଯୁକ୍ତ ମଦ ବେପାରୀ ଉପେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ବେତନଟୀ ଅବକାରୀ ଉପନିରୀକ୍ଷକ ଶ୍ରୀନିବାସ ସାହୁ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରିଥିଲେ। ବହୁଦିନରୁ ଏଠାରେ ନକଲି ମଦ କାରବାର ହେଉଥିବା ବିଭାଗ ପାଖରେ ଖବର ଥିଲା। ଚଢ଼ାଉ ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ସମର୍ଥ ହୋଇଥିବା ବେଳେ ନକଲି ମଦ ମଧ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ଏକ ମାମଲା (ନଂ. ୧୨୮/୧୯) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### କଲେଜ ଛାତ୍ରୀଙ୍କୁ ଅପହରଣ

ରୂପ୍‌ସା, ୨୩।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ଶନିବାର ଏକ ମାମଲା (ନଂ. ୨୭/୧୯) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଛି। ଶ୍ରୀରାମପୁର ବଜାରରେ ମୋବାଇଲ ଦୋକାନ କରିଥିବା ପଣସାପଡ଼ା ଗ୍ରାମର ଯୁବକ ବିଶ୍ୱଜିତ୍ ଦାସ ଛାତ୍ରୀଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଏତଲାରେ ଦର୍ଶାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଝିଅକୁ ନ ପାଇ ବାପା, ମା' ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଟ୍ରେଲରରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ରୂପ୍‌ସା, ୨୩।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ବାହାବଳପୁର ମାଛଧରା କେନ୍ଦ୍ରରେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତ ମତ୍ସ୍ୟଜୀବୀ ହେଲେ ଦୁବୁଲାଗଡ଼ି ଗ୍ରାମର ଗୋପାଳ ମଣ୍ଡଳ (୪୯)। ସେ ଟ୍ରେଲରରେ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଇଥିଲେ। ସମୁଦ୍ରରୁ ଫେରି ମାଛଧରା ଜେଟି ନିକଟରେ ପହଞ୍ଚି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମେଡ଼ିକାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ସାମୁଦ୍ରିକ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ମଦ ବେପାରୀ ଗିରଫ

ରୂପ୍‌ସା, ୨୩।୩(ଡି.ଏନ.ଏ.): ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ତାଳବରେଇ ଗ୍ରାମର ମଦ ବେପାରୀ ରାମ ସିଂଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଫାଣ୍ଡି ଅଧିକାରୀ ଭାଦ ମାଝି ସଦଳବଳେ ତାଙ୍କ ଘରେ ଚଢ଼ାଉ କରି ୪୦ ବୋତଲ ବିଦେଶୀ ମଦ ଜବତ କରିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୬୮/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ଦୀର୍ଘଦିନ ଧରି ଚୋରାରେ ମଦ ବ୍ୟବସାୟ୍ ଚଳାଇ ଆସୁଥିଲେ। ସ୍ଥାନୀୟ୍ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା।

### ୯୦ଲିଟରର ମଦ ଜବତ,୩ ଗିରଫ

ବଡ଼ସାହି,୨୩।୩(ସ୍ୱ.ପ୍ର): ବଡ଼ସାହି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୯୦ ଲିଟର ଦେଶୀ ମଦ ଓ ୩ ଶହ କେଜି ପୋଚ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚକମାଧପୁର ଗ୍ରାମର ନବ କିଶୋର ହାଁସଦାଙ୍କ ଠାରୁ ୩ଶହ କେଜି ମହୁଲ ପୋଚ ଓ ୭୦ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ବଣତାଳପଦା ଗ୍ରାମର ଦ୍ରୌପଦୀ ବେହେରାଠାରୁ ୧୦ଲିଟର ଓ ସାନନୂଆଗାଁ ଗ୍ରାମର କାର୍ତ୍ତୀକ ଚନ୍ଦ୍ର ସାହୁଠାରୁ ୧୦ଲିଟର ଦେଶୀ ମଦ ଜବତ ହୋଇଛି।

# କବି, କଳାକାର ଏକାଠି ପାଳିଲେ 'ପ୍ରେମ ଫଗୁଣ'

ବାଲେଶ୍ୱର ଅଫିସ, ୨୩।୩



ଶନିବାର ଅନୁଷ୍ଠିତ ୧୦ମ 'ପ୍ରେମ ଓ ଫଗୁଣ' କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

ବାଲେଶ୍ୱର ଗୋପବନ୍ଧୁ ପାର୍କରେ ୧୦ମ 'ପ୍ରେମ ଓ ଫଗୁଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି, କଳାକାର ଓ ଚିତ୍ରକର ମଞ୍ଚରେ ଏକାଠି ହୋଇ ହୋଲି ଖେଳିବା ସହ କବିତା ଓ ସଙ୍ଗୀତର ମଜା ଉଠାଇଥିଲେ । ବୁଧବାର ସନ୍ଧ୍ୟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। କବି ପ୍ରଶାନ୍ତ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ସତ୍ୟଭାମା ମୁଦୁଲି ଓ ସୁଶ୍ରୀ ବେହେରା ସଂଯୋଜନା କରିଥିଲେ। କବି ବ୍ରହ୍ମ ରଥ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଶିଳ୍ପୀ କେଶୁ ଦାସ 'ପ୍ରେମ ଫଗୁଣ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଚାନ୍ଦିପୁର ଆଇଟିଆର୍ ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ, ସଂସ୍କୃତିପ୍ରେମୀ ହିମାଂଶୁ ଦାସ, ସମାଜସେବୀ ସୁବାସିନୀ ଜେନା, ଇମାମୀ ପେପର ମିଲ୍‌ର ସଭାପତି ଏମ୍‌ବିଏସ୍ ନାୟାର, ପୂର୍ବତନ ପୌରପାଳ ଆଲୋକ ସାହୁ, ଶିଳ୍ପେଦ୍ୟୋଗୀ ଅମିତ୍ ବେହେରା, ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, କବି ବିମଳ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଫଗୁ ଖେଳି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କବୟିତ୍ରୀ ଓ କବି ଶୁଭଶ୍ରୀ ଲେଙ୍କା, ଦିଲୀପ ରଥ, ବିମଳ ଜେନା, ସୌରିନ୍ଧ୍ରୀ ସାହୁ, ଅଶୋକ ମହାପାତ୍ର, ରେଖା ମହାପାତ୍ର, ଅଳକା ପତି, ମନସ୍ୱିନୀ ଦେବୀ, ଅର୍ଚ୍ଚନା ନନ୍ଦୀ, ଅଭୟ ଦାସ, କୁମାର ଗୋପାଲ, ଅଞ୍ଜଳୀ ପଣ୍ଡା, ମନସ୍ୱିନୀ ଦେବୀ, କବି ଶ୍ରୀଦେବ, କୃଷ୍ଣ ମହାନ୍ତି, ଉତ୍ପଳ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗାୟକ ସୁଜିତ ଭୋଇ, ସୂଚୀ ଦାସ, କାହ୍ନୁ ଲେଙ୍କା, ଡା. ଅମିତାଭ ଗିରି, ଡା. ମଧୁମାଳା ଗିରି, ନିଶିତା ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଚିତ୍ରକର ଅରୁଣ ବାରିକ, ଦେବାଶିଷ ପତି, ମୋନାଲିସା ଚାନ୍ଦ, ପୂଜା ମାଇତି, ଈପ୍‌ସିତା ଦେ ଓ ନିବେଦିତା ମହାପାତ୍ରଙ୍କ ଚିତ୍ର ସ୍ଥାନ ପାଇଥିଲା। ସୃଜନଶୀଳ ଶିଳ୍ପୀଙ୍କ ଏ ପ୍ରକାର କାର୍ଯ୍ୟକ୍ରମ ଆଜକୁ ୧୦ବର୍ଷ ଧରି ହୋଇ ଆସୁଥିବା ଉଦ୍ୟୋକ୍ତାମାନେ କହିଥିଲେ। ଶେଷରେ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୟ ଦାସ, ପରେଶ ଗାୟନ, କେଶୁ ଦାସ, ବିଶ୍ୱଦୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।

# 'ଆମେ ଆମ୍ବଡାଳିଆ'ର ହୋଲି ମିଳନ

ବଡ଼ସାହି,୨୩।୩(ସ୍ୱ.ପ୍ର.)

ବଡ଼ସାହି ବ୍ଲକର ଆମ୍ବଡାଳି ବ୍ରାହ୍ମଣ ଶାସନରେ ଆମେ ଆମ୍ବଡାଳିଆ ପକ୍ଷରୁ ହୋଲି ମିଳନ ଉତ୍ସବ ପାଳିତ ହୋଇଯାଇଛି। ଗୁରୁବାର ରାତିରେ ରାଧାକୃଷ୍ଣଙ୍କ ଯୁଗୋଳ ମୂର୍ତ୍ତି ଗ୍ରାମ ପରିକ୍ରମା କରିଥିଲେ । ପାଲା ପରିବେଷଣ ସାଙ୍ଗକୁ ଶୁକ୍ରବାର ସକାଳୁ ପରସ୍ପର ରଙ୍ଗ ବୋଲି ସ୍ନେହ ମମତା ବାଣ୍ଟି ଥିଲେ। ଉତ୍ସବକୁ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କୃତିବାସ ଦାଶ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଅକିଂଚନ ଅନିକେତ ବୃନ୍ଦାବନ ଦାଶ ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମାନନ୍ଦ ରଥ, ସମ୍ମାନୀୟ ଅତିଥି ଡାକ୍ତର ଦୁର୍ଗାମାଧବ ଦାଶ, ଯୋଗେଶ୍ୱର ମିଶ୍ର, ପ୍ରଭାକର ନନ୍ଦ ଓ ଅନ୍ନପୂର୍ଣ୍ଣା ଦାଶ ପ୍ରମୁଖ ଯୋଗଦେଇ ଗାଁର ପୁରୁଣା ସ୍ମୃତି ସମ୍ପର୍କରେ ବଖାଣି ଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଗ୍ରାମର ସାବିତ୍ରୀ ନନ୍ଦ, କୃତିବାସ ଦାଶ, ସରୋଜିନୀ ନନ୍ଦ ଓ ଭଗବାନ ମହାପାତ୍ର ବୟୋଜ୍ୟେଷ୍ଠଙ୍କୁ ଉପଢ଼ୌକନ ଓ ଫୁଲଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଭବାନୀ ଶଙ୍କର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍ୱରଚିତ କ୍ଷୁଦ୍ରଗଳ୍ପ ଓ ଗୀତରଚନା, ଗୀତ ପରିବେଷଣ ସହିତ ଚନ୍ଦ୍ରଭାନୁ ଦାଶଙ୍କ ନେତୃତ୍ୱରେ ଗ୍ରାମର ଯୁବକମାନେ ପରିଚାଳନାରେ ସହାୟତା କରିଥିଲେ । ଶ୍ରୀଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ହୋଲି ମିଳନ ଉତ୍ସବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଫେସ୍‌ବୁକ୍ କବିତା ଆସର



ଫେସ୍‌ବୁକ କବିତା ଆସରରେ ଯୋଗଦେଇଥିବା ଅତିଥିମାନେ ।

ବାଲେଶ୍ୱର ଅଫିସ, ୨୩।୩

ବାଲେଶ୍ୱର ବାମପଦାସ୍ଥିତ ନୋସି ବିଜିନେସ୍ ପାର୍କ ଉତ୍କଳା ମଞ୍ଚରେ ୩୬ତମ ଫେସ୍‌ବୁକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମିଲ ହୋଇଥିବା କବି ଓ ଚିତ୍ରଶିଳ୍ପୀ କଳା ସଂସ୍କୃତିକୁ ସମୃଦ୍ଧ କରିବା ଲାଗି ଗୁରୁତ୍ୱାରୋପ କରିବା ସହ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆବସରପ୍ରାପ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନୋସି

**ଶହୀଦଙ୍କୁ ମନେ ପକାଇଲେ**

କଲଚ୍ୟୁରାଲ ଏକାଡ଼େମୀର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ସଭା ପ୍ରାରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶିଳ୍ପୀ କେଶୁଦାସ ପ୍ରାକ୍ ସୂଚନା ପ୍ରଦାନ କରି ଫେସ୍‌ବୁକ୍ କବିତାର ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କବି ପ୍ରବୀର କମିଳା ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଗଗନ ସେଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଭାକର ସାହୁ, ସୁଧାକର ସେଠୀ, ପଦ୍ମଲୋଚନ ପ୍ରଧାନ, ପ୍ରଣତି ମହାପାତ୍ର, ମାଳତୀ ଧଳ, ଉଷାରାଣୀ ଦାସ, ଇନାୟତ ଅଲ୍ଲୀ ଖାଁନ, ଅଜିମ ବାଲେଶ୍ୱରୀ, ମଧୁସୂଦନ ମିଶ୍ର, ଡ. ରତ୍ନାକାର ସିଂହ ପ୍ରମୁଖ ଶହୀଦ ଯବାନଙ୍କ ପ୍ରତି ସମର୍ପିତ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଚିତ୍ରଶିଳ୍ପୀ ଦେବାଶିଷ ପତି ଓ ପ୍ରୀତମ ନାୟକ ଚିତ୍ର ଅଙ୍କନ କରି ଆସରକୁ ସରସ ସୁନ୍ଦର କରିଥିଲେ। ଶିଶୁଶିଳ୍ପୀ ସାଇ ଦେବାଶିଂ ଜାତୀୟ ସଂଗୀତ ଗାନ କରିଥିଲେ। କବି ରଣଜିତ୍ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଯାତ୍ରା ଦେଖାଇବାକୁ ନେଇ ବଳାତ୍କାର

ଭୋଗରାଇ,୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରସଲପୁର ପଞ୍ଚାୟତର ଜଣେ ନାବାଳିକା(୧୬)ଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଯାତ୍ରା ଦେଖାଇବାକୁ ନେଇ ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଥାନାରେ ଏକ ମାମଲା(ନଂ. ୪୫/୧୯) ରୁଜୁ କରାଯାଇଛି। ଅପରପକ୍ଷେ ନାବାଳିକା ଏବେ ଅସୁସ୍ଥ ଥିବାରୁ ଡାକ୍ତରୀମାଇନା ନିମନ୍ତେ ତାଙ୍କ ପରିବାର ଲୋକ ରାଜି ହେଉ ନାହାନ୍ତି। ଫଳରେ ମାମଲା ଏବେ କୋର୍ଟ ପରିସରକୁ ଆସିଛି। ନାବାଳିକା ଜଣକ ମାଟ୍ରିକ ଛାତ୍ରୀ ହୋଇଥିବାବେଳେ ଗତ ୧୧।୧।୨୦୧୯ରୁ ସେ ନିଖୋଜ ଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ଜଳେଶ୍ୱର ଥାନା ଅଧୀନ ପଶ୍ଚିମବାର୍ଦ୍ଧ ପଞ୍ଚାୟତ ରେଳା ଗ୍ରାମରୁ ୨ମାସ ପରେ ପ୍ରଶାନ୍ତ ଜେନା (୨୦)ଙ୍କ ଘରୁ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପ୍ରେମଜନିତ ବୋଲି ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କୁହାଯାଇଛି।

# ପ୍ରେମିକାଙ୍କ ଭାଇ ମାଡ଼ରେ ପ୍ରେମିକ ଗୁରୁତର

ସୋର,୨୩।୩(ଡି.ଏନ.ଏ.)

ସୋର ଥାନା ମଙ୍ଗଳପୁର ଗ୍ରାମରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ଥିବା ପ୍ରେମୀଯୁଗଳଙ୍କୁ ନେଇ ଗଣ୍ଡଗୋଳ ହୋଇଛି। ଉଭୟ ଭିନ୍ନ ଜାତିର ହୋଇଥିବାରୁ ପ୍ରେମିକାଙ୍କ ଭାଇ ମାଡ଼ରେ ପ୍ରେମିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସୋର ଡାକ୍ତରଖାନା ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରେମୀଯୁଗଳ ମେଳଣ ଦେଖିବାକୁ ଯାଉଥିବା ବେଳେ ବାଗୁଡ଼ି ବଜାରଠାରେ ପ୍ରେମିକାଙ୍କ ଭାଇ ଦେଖି ପ୍ରେମିକଙ୍କୁ ମାଡ଼ ମାରି ଗୁରୁତର କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି।

# ବ୍ୟଙ୍ଗ କବିତା ଆସର




ଉପସ୍ଥିତ ଅତିଥି ବୃନ୍ଦ ।

ବାରିପଦା ଅଫିସ,୨୩।୩

ହୋଲି ଓ ଦୋଳି ପୂର୍ଣ୍ଣିମା ଉପଲକ୍ଷେ ମୟୂରଭଞ୍ଜ ସାହିତ୍ୟ ପରିଷଦର ଫଗୁ ମିଳନ ଓ ବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପଦ୍ମନାଭ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ କୋଷାଧକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷକ ବିମ୍ବାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ସାହିତ୍ୟ ପରିଷଦ ସମ୍ପାଦକ ମନୋଜ ଦଳବେହେରା ଫଗୁ ଉତ୍ସବର ମହାତ୍ମ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କବୟିତ୍ରୀ ପାର୍ବତୀ ବାରିକ ଓ କବି ଶଶିଧର ବିଶ୍ୱାଳଙ୍କ ସଂଯୋଜନାରେ ଜିଲାର ବିଶିଷ୍ଟ କବୟିତ୍ରୀକବି ନରସିଂହ ବାରିକ, ଜୟନ୍ତ ଦ୍ୱାରୀ, କାବେରୀ ମିଶ୍ର, ଦୀନବନ୍ଧୁ ଭଞ୍ଜ, ଶିବ ପାଣିଗ୍ରାହୀ, ଗୀତାଞ୍ଜଳି କର, ବୀଣାପାଣି ପଣ୍ଡା, ଶଙ୍କର ଜେନା, ଜଗଜ୍ଜୀବନ ରଥ, ହିମାଂଶୁ ଶେଖର ଦାସ ଓ ଗୋପାଳ ଚନ୍ଦ୍ର ସାଓ ପ୍ରମୁଖ ବ୍ୟଙ୍ଗ କବିତା ଆସରରେ ସ୍ୱରଚିତ କବିତାମାନ ପାଠ କରିଥିଲେ। କବି ଆଚାର୍ଯ୍ୟ ହିମାଂଶୁଶେଖର, ସୁଧାମୟୀ ଦାସ, ବ୍ରଜରାଣୀ ମଣ୍ଡ ଓ ଅଶୋକ କର କବିତାଗୁଡ଼ିକର ସଂକ୍ଷିପ୍ତ ସମୀକ୍ଷା କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର, ଯୁଗ୍ମ ସମ୍ପାଦକ ଦୀପକ ରାମ, ସଦସ୍ୟ ଅଜିତ କବାଟ, ପ୍ରାବନ୍ଧିକ କୈବଲ୍ୟ ପ୍ରସାଦ ମହାପାତ୍ର ଓ ଡ ବିଚିତ୍ରା ନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଙ୍ଗ କବି ସତୀଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ବନସୁରକ୍ଷା ସମିତିକୁ ନେଇ ସଚେତନତା

ତେଲକୋଇ, ୨୩।୩(ଡି.ଏନ.ଏ.)



ବନାଞ୍ଚଳ କାର୍ଯ୍ୟାଳୟ ସଚେତନତା ।

ତେଲକୋଇ ବନାଞ୍ଚଳ ଅଧୀନରେ ଥିବା ବ୍ଲକର ବିଭିନ୍ନ ଗ୍ରାମ ଗୁଡିକରେ ବନସୁରକ୍ଷା ସମିତିକୁ ନେଇ ଶନିବାର କାର୍ଯ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ୪୪ଟି ବନସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ସାମିଲ ହୋଇ ଜଙ୍ଗଲ ସୁରକ୍ଷା ବନାଗ୍ନି ପ୍ରତିଷେଧକ ଓ ନିରାକରଣ ତଥା ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ ବନାଞ୍ଚଳ ଅଧିକାରୀ ପିତାମ୍ବର ନାୟକ, ବନସୁରକ୍ଷା ସମିତି ଓ ବିଭାଗୀୟ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଙ୍କ ସମେତ ଫରେଷ୍ଟର ସରୋଜ ସାହୁ ଓ ବିଭାଗର କର୍ମକର୍ତ୍ତା ଅନ୍ତର୍ଭୁକ୍ତ ଥିଲେ। ଏହି ପରିପ୍ରେକ୍ଷୀରେ ଗୋଲବନ୍ଧ ବନସୁରକ୍ଷା ସମିତିର ସଭାପତି ଚିନ୍ମୟ କୁମାର ସାହୁ ଓ କତରାପାଲି ବାଲି ସାହି ବନସୁରକ୍ଷା ସମିତିର ସଭାପତି ବିନୟ ମୁଣ୍ଡାଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଥିବା ନେଇ ତିନି ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

# ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ପାଟଣା,୨୩।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଟେଣ୍ଡେରା ପଞ୍ଚାୟତ ଭଣ୍ଡାରୀବିଲା ଅଞ୍ଚଳର ଜଣେ ଯୁବତୀ କୀଟନାଶକ ପାନ କରି ଶନିବାର ସକାଳେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ଶଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚିକିତ୍ସା କରୁଥିବା ଡା ଅର୍ଜୁନ ପଣ୍ଡା ଙ୍କ ସୂଚନା ମୁତାବକ ଝିଅଟି ଅର୍ଗାନ ଫସଫରସ କମ୍ପାଉଣ୍ଡ ନାମକ ଏକ ବିଷ ପାନ କରିଛନ୍ତି। ବିଷ ପିଇବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

# ବିଶ୍ୱ ବନ ଦିବସ ପାଳିତ

ବଡ଼ସାହି,୨୩।୩(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ହାଇସ୍କୁଲ ଇକୋ କ୍ଲବ ଓ ଡୁକୁରା ରେଞ୍ଜର ମିଳିତ ଆନୁକୂଲ୍ୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବେଶବିତ ସନ୍ତୋଷ ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ରେଞ୍ଜର ଅନନ୍ତ କୁମାର ଜେନା, ସମ୍ମାନିତ ଅତିଥି ଡେପୁଟୀ ରେଞ୍ଜର ଜ୍ୟୋତି ରଞ୍ଜନ ସେନାପତି, ସମିତି ସଭ୍ୟ ଚୈତନ୍ୟ ପ୍ରସାଦ ସିଂ ପ୍ରମୁଖ ଯୋଗଦେଇ ପରିବେଶ ବଞ୍ଚିଲେ ଜୀବଜଗତ ସୁସ୍ଥ ରହିବ ବୋଲି କହିଥିଲେ। ଇକୋ କ୍ଲବ ସଂଯୋଜକ ସନ୍ତୋଷ ଖଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶେଷରେ ଛାତ୍ର ସିପୁନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ଇକୋ କ୍ଲବର ବିଶ୍ୱ ବନ ଦିବସ ପାଳନରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଡୁଡ଼ିଗଡ଼ିଆରେ ବିକାଶକୁ ଉପେକ୍ଷା

ଖଇରା,୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଶହୀଦ ପୀଠ ଭାବେ ଖ୍ୟାତିଲାଭ କରିଛି ଖଇରା ବ୍ଲକର ରକ୍ତତୀର୍ଥ ଭାବେ ପରିଚିତ ଡୁଡ଼ିଗଡ଼ିଆ । ଏହି ଅଞ୍ଚଳର ବିକାଶ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ପ୍ରତିକାର ହେଉ ନାହିଁ । ଏହି ଅଞ୍ଚଳରେ ପାନୀୟ ଜଳାଭାବ ଏବେ ମୁଖ୍ୟ ସମସ୍ୟା ହୋଇ ଦେଖାଦେଇଛି। ଅନ୍ୟପକ୍ଷେ ବେଆଇନ ଚୋରା ମଦ କାରବାର ବୃଦ୍ଧି ସ୍ଥାନୀୟ ବାସିନ୍ଦାଙ୍କୁ ଅତିଷ୍ଠ କରୁଛି। ଡୁଡ଼ିଗଡ଼ିଆରେ ଥିବା ପମ୍ପ ହାଉସରୁ ଡୁଡ଼ିଗଡ଼ିଆ ବଜାର ସମେତ ତତ୍‌ସଂଲଗ୍ନ ତେନ୍ତୁଳିଆପଡ଼ା, ପଠାଣସାହିକୁ ପାନୀୟ ଜଳ ଯୋଗାଣ ଲାଗି ପାଇପ୍ ସଂଯୋଗ କରାଯାଇଛି। ବର୍ଷେ ହେବ ଏଠାରେ ପାଇପ୍ ଫାଟି ଜଳ ଯୋଗାଣ ବ୍ୟାହତ ହେଉଥିବାରୁ ବହୁ ବ୍ୟବସାୟୀଙ୍କ ସମେତ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ, ତେନ୍ତୁଳିଆପଡ଼ା ଗ୍ରାମର ୩ଶହ ବାସିନ୍ଦା ଏବଂ ମୁସଲିମ୍ ବସ୍ତିର ଅନେକ ବାସିନ୍ଦା ଜଳକଷ୍ଟର ଶିକାର ହେଉଛନ୍ତି। ସ୍ଥାନୀୟ ଗ୍ରାମବାସୀ କୈଳାସ ବେହେରା ଓ ସନ୍ତୋଷ ଘଡ଼େଇ ଅଭିଯୋଗ କରିଛନ୍ତି ଯେ, ପିଇବା ପାଣି ମିଳୁ ନ ଥିବା ବେଳେ ଏହି ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ହେଉଥିବାରୁ ଶହୀଦ



ଡୁଡ଼ିଗଡ଼ିଆ ପମ୍ପ ହାଉସ୍।

**ପାଣି ମିଳୁନି, ମଦ ପ୍ରବଳ**

ପୀଠର ମର୍ଯ୍ୟାଦା ହାନି ଘଟୁଛି। ଅନ୍ୟପକ୍ଷେ ବିଭିନ୍ନ ସମୟରେ ଏନେଇ ହିଂସାକାଣ୍ଡ ଘଟୁଛି। ଏଠାରେ ମଦ ଦୋକାନ ବନ୍ଦ ଲାଗି ମେନକା ପାଣ୍ଡିଆ, ରମ୍ଭାମଣି ବାରିକ, ତୁଳସୀ ପରିଡ଼ା, ମଞ୍ଜୁଲତା ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ବିକ୍ଷୋଭ ଆନ୍ଦୋଳନ କରୁଥିଲେ ମଧ୍ୟ ପ୍ରଶାସନ ଉପରେ ଏହାର କିଛି ପ୍ରଭାବ ପଡୁନାହିଁ। ଏ ସମ୍ପର୍କରେ ଅବକାରୀ ବିଭାଗର ସୋର ସବ୍‌ଇନ୍ସପେକ୍ଟର କୁଳମଣି ମହାନ୍ତିଙ୍କୁ ପଚାରିବାରେ ବେଆଇନ ମଦ ବିକ୍ରେତାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଛନ୍ତି। ସେହିଭଳି ପାନୀୟଜଳ ସଙ୍କଟ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ତପସ୍ୱିନୀ ଦାସଙ୍କୁ ପଚାରିବାରୁ ରାସ୍ତାକାମ ବେଳେ ଫାଟିଥିବା ପାଇପ୍‌କୁ ଶୀଘ୍ର ମରାମତି କରାଯାଇ ପାଣି ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

